ବର୍ଷ-୨୫, ସଂଖ୍ୟା-୧୮୬
ଭୁବନେଶ୍ୱର
୧୩, ଜୁଲାଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 186
Bhubaneswar
13, July, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## କଲେଜରେ ନିର୍ଯାତନା, ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ



**ବାଲେଶ୍ୱର, ୧୨।୭ (ମହାଭାରତ):** ଫକୀର ମୋହନ ସେନାପତି (ଏଫଏମ୍) ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିବା ଘଟଣା ସମଗ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଏବଂ ଛାତ୍ର ଓ ଅଭିଭାବକଙ୍କ ମହଲରେ ଘୋର ଉଦବେଗ ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରୀଜଣକ ସେହି ଅଧ୍ୟାପକ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଆଚରଣରେ କ୍ଷୁବ୍ଧ ହୋଇ ନିଜକୁ ଶେଷ କରିଦେବା ପାଇଁ ଏଭଳି ଏକ ଚରମ ପଦକ୍ଷେପ ନେଇଛନ୍ତି। ଛାତ୍ରୀ ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ମଧ୍ୟ ଦୁଇଜଣ ଛାତ୍ରୀ ଓ ଜଣେ ଛାତ୍ର ଆହତ ହୋଇ ବାଲେଶ୍ୱର ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସମ୍ପୃକ୍ତ ଛାତ୍ରୀ ଜଣକର ଶରୀର ୯୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରିବା ସହିତ ଛାତ୍ରୀଙ୍କୁ ନିର୍ଯାତନା ଦେଇଥିବା ଏଜୁକେସନ ବିଭାଗର ଏଚଓଡି ସମୀର ସାହୁଙ୍କୁ ପୋଲିସ୍ ଗିରଫ କରି ଜେଲକୁ ପଠାଇ ଦେଇଛି।

ରାଜ୍ୟ ସରକାର ଏହି ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିବା ସହିତ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଏମ୍ସ ଯାଇ ସମ୍ପୃକ୍ତ ଛାତ୍ରୀଜଣଙ୍କୁ ଭେଟିଛନ୍ତି ଏବଂ ଏଭଳି ଅମାନୁଷିକ କାର୍ଯ୍ୟ ପାଇଁ ସେ ସମ୍ପୃକ୍ତ ଅଧ୍ୟାପକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଛାତ୍ରୀଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏମ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ତିନିଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଆଇଏଏସ୍ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଯୁଗ୍ମସଚିବ ମୌସୁମୀ ନାୟକ ଓ ବିଜେବି କଲେଜର ପ୍ରଫେସର ଝୁମୁକୀ ରଥ ସଭ୍ୟ ରହିଛନ୍ତି। ଏହି କମିଟି ଏହି ଘଟଣା ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଦନ୍ତ କରିବେ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ଓ ଏଭଳି ସ୍ପର୍ଶକାତର ଘଟଣାରେ ଅବହେଳା ପ୍ରଦର୍ଶନ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଏଭଳି କାର୍ଯ୍ୟାନୁଷ୍ଠାନ କରାଯିବ ଯେ ଭବିଷ୍ୟତରେ ଶିକ୍ଷାଦାନ ଦାୟିତ୍ୱରେ ଥିବା କୌଣସି ବ୍ୟକ୍ତି ଏଭଳି ଅପରାଧ କରିବା ପାଇଁ ସାହସ କରିବେ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଝିଅର ବାପା ଏ ସମସ୍ତ ଘଟଣା ପାଇଁ କଲେଜର ଅଧ୍ୟକ୍ଷ ଓ ସମ୍ପୃକ୍ତ ଏଜୁକେଶନ ବିଭାଗର ଅଧ୍ୟାପକଙ୍କୁ ଦାୟୀ କରିଛନ୍ତି। ନିଜେ ଅଧ୍ୟକ୍ଷ ଅଧ୍ୟାପକ ଶ୍ରୀ ସାହୁଙ୍କୁ ସମର୍ଥନ କରିବାକୁ ଯାଇ ଝିଅକୁ ନାନାପ୍ରକାର ଧମକ ଚମକ ଦେଇଥିଲେ। ତାଙ୍କ ଝିଅ ଏ କ୍ଷେତ୍ରରେ ଅଧିକ ଆଗେଇଲେ ଝିଅ ବିରୁଦ୍ଧରେ ୬ବର୍ଷର ବ୍ୟାକ ଲଗାଯିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ କହିଛନ୍ତି, ଝିଅଟି ମୋ ପାଖକୁ ଆସିଥିଲା। ସେ ବହୁତ ମାନସିକ ଚାପ ମଧ୍ୟରେ ଥିଲା। ମୁଁ ତାକୁ ପ୍ରାୟ ୧୫/୨୦ ମିନିଟ୍ ଧରି ବୁଝାଇଥିଲି। ତଦନ୍ତ ରିପୋର୍ଟ ଆସିଛି ବୋଲି କହିଥିଲି। ଏମିତିକି ରିପୋର୍ଟ କ'ଣ ଅଛି, ସେଥିରୁ କିଛି କିଛି ତାଙ୍କୁ କହିଥିଲି। ତାଙ୍କୁ ଧୈର୍ଯ୍ୟ ଧରିବାକୁ କହିଥିଲି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ସମସ୍ତଙ୍କ ସହିତ ଆଲୋଚନା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ତାଙ୍କୁ କହିଥିଲି। ତେବେ ସେ ଅଧ୍ୟାପକ ସମୀର ସାହୁଙ୍କୁ ଏଠାକୁ ଡାକିବାକୁ କହିଥିଲେ। ମୁଁ ଅଧ୍ୟାପକ ସମୀର ସାହୁଙ୍କୁ ଫୋନ୍ କରି ଡାକିଥିଲି। ତାଙ୍କ ସହିତ ମୁଁ ଆଲୋଚନା କରୁଥିବା ବେଳେ ଝିଅଟି ପୁଣି ମୋ ରୁମ୍‌କୁ ଆସିଥିଲା। ଯାହା ନିଷ୍ପତ୍ତି ନେବା କଥା ଆଜି ନିଅନ୍ତୁ ବୋଲି ମୋତେ କହିଥିଲା। ମୁଁ ପୁଣି ତାକୁ ବୁଝାଇଥିଲି। ସେଠାରୁ ଯିବାର ପ୍ରାୟ ୧୦ ମିନିଟ୍ ପରେ ସେ ତା' ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା।

କଲେଜ ଅଧ୍ୟକ୍ଷ କହିଛନ୍ତି, ଅଧ୍ୟାପକ ଜଣଙ୍କ ବିଭିନ୍ନ ସମୟରେ ତାଙ୍କୁ ମାନସିକ ନିର୍ଯାତନା ଦେଇଥିବା ଛାତ୍ରୀଜଣଙ୍କ ଅଭିଯୋଗ କରିଥିଲେ। ତା' ସହିତ ଅଧ୍ୟାପକ ସମୀର ସାହୁ ତାଙ୍କୁ 'ଫେବର' ମାଗୁଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏଭଳି ଗୁରୁତର ଅଭିଯୋଗ ପାଇବା ପରେ ଆମେ ଏହାର ତଦନ୍ତ କରିବା ପାଇଁ ଏକ କମିଟି ଗଠନ କରିଥିଲୁ। କମିଟି ଘଟଣାର ତଦନ୍ତ କରି ଗତକାଲି ରିପୋର୍ଟ ଦେଇଥିଲା। ଛାତ୍ରଛାତ୍ରୀ, ଶିକ୍ଷକ ଓ ସମସ୍ତ ବର୍ଗର ଲୋକଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କର ଲିଖିତ ବୟାନ ରେକର୍ଡ କରିଥିଲା କମିଟି। ତା'ପରେ କିଛି ସୁପାରିସ ସହିତ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲା କମିଟି। କିନ୍ତୁ ସେଥିରେ ଏହି 'ଫେବର' ଅଭିଯୋଗ ନେଇ କୌଣସି ପ୍ରମାଣ ମିଳି ନଥିଲା ବୋଲି ଉଲ୍ଲେଖ କରାଯାଇଛି।

## ନିଯୁକ୍ତି ପତ୍ର ବାଣ୍ଟିଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୨।୭ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୋଜଗାର ମେଳାରେ ଉଦବୋଧନ ଦେଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକ ଯୁବତୀଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

ଏହି କ୍ରମରେ ଆଜି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ଅନୁଷ୍ଠିତ ଷୋଡ଼ଶ ରୋଜଗାର ମେଳାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହିତ ଡାକ ବିଭାଗ, ଆଇସିଏମ୍ଆର, ଏମ୍ସ, ଜିଏସ୍‌ଟି କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ, ଆଇଆଇଏସ୍ଇଆର, ଏସ୍ଏଲ୍‌ବିସି ଏବଂ ସିଆରପିଏଫ୍ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଯୁବପିଢ଼ିଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ଦିଗରେ ଆଗକୁ ବଢୁଛି ଏବଂ ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ଆର୍ଥିକ ବିକଶିତ ଦେଶ ହେବ। ଏହି ବିକାଶ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି।

ରେଳ ଅଡିଟୋରିୟମରେ ଆୟୋଜିତ ରୋଜଗାର ମେଳା କାର୍ଯ୍ୟକ୍ରମରେ, ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ (ରେଳ, ଡାକ, ବ୍ୟାଙ୍କ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟ, ଇତ୍ୟାଦି) ନୂତନ ନିଯୁକ୍ତି ପାଇଥିବା ମୋଟ ୨୦୧ ଜଣ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରୋଜଗାର ମେଳାରେ ଉଦବୋଧନ ଦେଇଥିଲେ ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକ ଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ଆଜି ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଏହି ଯୁବକ ଯୁବତୀମାନଙ୍କ ପାଇଁ ନୂତନ ଦାୟିତ୍ୱର ଆରମ୍ଭ। ସେ ବିଭିନ୍ନ ବିଭାଗରେ ସେବା ଆରମ୍ଭ କରିବା ପାଇଁ ଯୁବ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ, ବିଭିନ୍ନ ଭୂମିକା ସତ୍ତ୍ୱେ, ସେମାନଙ୍କର ସାଧାରଣ ଲକ୍ଷ୍ୟ ହେଉଛି ନାଗରିକ ପ୍ରଥମ ନୀତି ଦ୍ୱାରା ପରିଚାଳିତ ଜାତୀୟ ସେବା।

ପ୍ରଧାନମନ୍ତ୍ରୀ ଭାରତର ଜନସଂଖ୍ୟାଗତ ଏବଂ ଗଣତାନ୍ତ୍ରିକ ଭିତ୍ତିଭୂମିର ଅତୁଳନୀୟ ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ବିଶ୍ୱର ସର୍ବବୃହତ ଯୁବ ଜନସଂଖ୍ୟା ଏବଂ ସର୍ବବୃହତ ଗଣତନ୍ତ୍ର ସହିତ ଭାରତ ଘରୋଇ ଏବଂ ବିଶ୍ୱ ସ୍ତରରେ ଭବିଷ୍ୟତକୁ ଗଢ଼ି ତୋଳିବାର ଅନନ୍ୟ ସମ୍ଭାବନା ରଖିଛି।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୨।୭ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ରହଣୀକାଳ ମଧ୍ୟରେ ଶନିବାର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ସେ କେନ୍ଦ୍ର ଓ ରାଜ୍ୟର ମିଳିତ ଉଦ୍ୟମରେ ବିକଶିତ ଓଡ଼ିଶା ଗଠନ ସମ୍ପର୍କରେ ଉଭୟଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାକାଳରେ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ୨୦୩୬ ଓ ୨୦୪୭ ଭିଜନ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ତାଙ୍କ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, ଆମ ଓଡ଼ିଶା ମାଟିର ଗୌରବ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି। ଏହି ଅବସରରେ ଓଡ଼ିଶାର ବିକାଶ ଯାତ୍ରା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ରୋଡମ୍ୟାପ ଓ କେନ୍ଦ୍ର ରାଜ୍ୟ ସମନ୍ୱୟରେ ଓଡ଼ିଶାର ବିକାଶକୁ କେମିତି ଆହୁରି ତ୍ୱରାନ୍ୱିତ କରିବେ ସେସବୁ ବିଷୟରେ ଆଲୋଚନା କରିବା ସହିତ ରାଷ୍ଟ୍ରପତିଙ୍କୁ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରଦାନ କଲି।

ସେହିପରି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କଲି। ଓଡ଼ିଶାର ବିକାଶ ପାଇଁ ତାଙ୍କର ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ କୃତଜ୍ଞ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରଭୃତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟ ହାସଲ ନିମନ୍ତେ ଆମେ ପ୍ରତିଶ୍ରୁତି ବଦ୍ଧ।

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବିଜେପିର ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗ୍‌ଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି କରି ତାଙ୍କୁ ଓଡ଼ିଶା ଭିଜନ ୨୦୩୬, ୨୦୪୭ ପୁସ୍ତକ ପ୍ରଦାନ କରିଥିଲେ।

## ଦେଶର ଚାନ୍ଦୁଆ ହବ୍ ହେବ ପିପିଲି



**ଭୁବନେଶ୍ୱର, ୧୨।୭ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଚାନ୍ଦୁଆ ଶିଳ୍ପ ପାଇଁ ପ୍ରସିଦ୍ଧ ପୁରୀ ଜିଲ୍ଲାର ପିପିଲି ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ପିପିଲି ହସ୍ତଶିଳ୍ପ କାରିଗରୀ ଓ କାରିଗରମାନଙ୍କ ସାମଗ୍ରିକ ବିକାଶ ସମ୍ପର୍କରେ ସ୍ଥାନୀୟ କାରିଗରମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଶିଳ୍ପର ଅଧିକ ବିକାଶ ପାଇଁ କିପରି କାରୀଗରମାନଙ୍କୁ ଏଥିପାଇଁ ବ୍ୟବହାର କରାଯାଉଥିବା କଞ୍ଚାମାଲ ସହଜରେ ମିଳିପାରିବ, କାରୀଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଆକର୍ଷଣୀୟ କାରୁକାର୍ଯ୍ୟ ସଂପନ୍ନ ଉତ୍ପାଦରେ ବିକ୍ରୟ ପାଇଁ ବଜାର ସୁବିଧା, ନୂଆ କାରିଗରଙ୍କ ପାଇଁ ପ୍ରଶିକ୍ଷଣ ଆଦି ସମ୍ପର୍କରେ ସେ ଆଲୋଚନା କରିଥିଲେ।

ଭୁବନେଶ୍ୱର ଠାରୁ ଶ୍ରୀକ୍ଷେତ୍ର ପୁରୀ ରାସ୍ତାରେ ଥିବା ପିପିଲି ଆଗାମୀ ଦିନରେ ଦେଶର ଚାନ୍ଦୁଆ ହବ୍ ହେବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ଉଜ୍ଜ୍ୱଳ ସମ୍ଭାବନା ରଖୁଛି ବୋଲି ପିପିଲି ଗସ୍ତ ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ପ୍ରକାଶ କରିଛନ୍ତି। ପିପିଲିର ଚାନ୍ଦୁଆ କାର୍ଯ୍ୟ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ପର୍ଯ୍ୟଟକ ଓ ଭାରତ ବାହାରେ ମଧ୍ୟ ଏହାର ଲୋକପ୍ରିୟତା ରହିଛି। ପିପିଲିର କାରିଗରମାନଙ୍କ ଦ୍ୱାରା ସୂକ୍ଷ୍ମ କାରୁକାର୍ଯ୍ୟରେ ପ୍ରସ୍ତୁତ କରାଯାଉଥିବା ଆକର୍ଷଣୀୟ ଚାନ୍ଦୁଅ,ଛତା, କନା ବ୍ୟାଗ, ମୁଣି, ଡୋର ସ୍କ୍ରିନ, ଗାଲିଚା ମହିଳାଙ୍କ ପାଇଁ ପୋଷାକ ଓ ଅନ୍ୟାନ୍ୟ କାର୍ଯ୍ୟ ସ୍ଥାନୀୟ ଲୋକମାନଙ୍କର ମଧ୍ୟ ବେଶ୍ ଆଦୃତି ରହିଛି। ରଥଯାତ୍ରା ସମୟରେ ରଥରେ ସଜ୍ଜିତ ହେଉଥିବା କାମ ହେଉ, ବିଭିନ୍ନ ଦେବଦେବୀ ପୀଠରେ ଚାନ୍ଦୁଆ କାର୍ଯ୍ୟର ବହୁଳ ବ୍ୟବହାର ହୋଇଥାଏ। ବିଭିନ୍ନ ଡିଜାଇନରେ ଚିକିମିକ୍ ଜରି ଓ ମୋତି ଆଦି ବ୍ୟବହାର କରି ଚାନ୍ଦୁଆ, ଛତ୍ର, ତୋରଣ ସମେତ ବିଭିନ୍ନ ଘର ସଜା ସାମଗ୍ରୀ ପ୍ରସ୍ତୁତ କରାଯାଇଥାଏ।

## ବଜ୍ରପାତରେ ୩ ଶ୍ରମିକ ମୃତ

**ବାଲେଶ୍ୱର, ୧୨।୭ (ମହାଭାରତ):** କେନାଲ କାମରେ ନିୟୋଜିତ ଥିବା ବେଳେ ବଜ୍ରାଘାତରେ ୩ଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ବେଳେ ତୃତୀୟ ବ୍ୟକ୍ତି ହେଉଛନ୍ତି ଜଣେ ଜେସିବି ଅପରେଟର। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳ ରାଇପାଳ ନିକଟରେ ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ମାମି ସିଂ, ବଢ଼େଇପଲା ଓ ଅଜିତ କୁମାର ହାଜିଦା।

ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ, ବଢେଇପଲା ଗ୍ରାମର ଆଲୁମଣି ସିଂ ଓ ମଥାନି ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିଦା ରାଇପାଳସ୍ଥିତ କେନାଲ କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ଶ୍ରମିକମାନେ କାମ କରୁଥିଲେ। ହେଲେ ହଠାତ ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଆସିଥିଲେ। ସେଠାରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଛିଡ଼ା ହୋଇଥିବା ବେଳେ ହଠାତ ବଜୁଳି ମାରିଥିଲା ଯେଉଁଥିରେ ୩ ଜଣ ହଠାତ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ ଏବଂ ଦୁଇଜଣ ଆଂଶିକ ଆହତ ହୋଇଥିଲେ।

ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧୀନ ଅଶୋକନାଳ ଗ୍ରାମର ମାମି ସିଂ, ବଢେଇପଲା ଗ୍ରାମର ଆଲୁମଣି ସିଂ ଓ ମଥାନି ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିଦା ରାଇପାଳସ୍ଥିତ କେନାଲ କାର୍ଯ୍ୟରେ ନିୟୋଜିତ ଥିଲେ। ହଠାତ ବର୍ଷା ହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଆସିଥିଲେ। ସେଠାରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଛିଡ଼ା ହୋଇଥିବା ବେଳେ ହଠାତ ବଜୁଳି ମାରିଥିଲା ଯେଉଁଥିରେ ୩ ଜଣ ହଠାତ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ ଏବଂ ଦୁଇଜଣ ଆଂଶିକ ଆହତ ହୋଇଥିଲେ।

ସାଥୀ ଶ୍ରମିକମାନେ ଚେତାଶୂନ୍ୟ ଦୁଇ ମହିଳା ଓ ଜେସିବି ଅପରେଟରଙ୍କୁ ବରହମପୁର ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗଡିଲା ବସ୍

**ଭୁବନେଶ୍ୱର, ୧୨।୭ (ମହାଭାରତ):** ଚାରି ଦିନିଆ ଧର୍ମଘଟ ପରେ, ସାରା ଓଡ଼ିଶାରେ ଘରୋଇ ବସ୍ ଚଳାଚଳ ଆରମ୍ଭ ହୋଇଛି। ବସ୍ ଚଳାଚଳ ଯାତ୍ରୀଙ୍କୁ ଆଶ୍ୱସ୍ତି ଦେଇଛି। ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡା ବସଷ୍ଟାଣ୍ଡରୁ ବସ୍ ବିଭିନ୍ନ ସ୍ଥାନକୁ ଗଡ଼ିଛି। ବସଗୁଡ଼ିକ ଏବେ ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡ଼ା ଏବଂ ସମ୍ବଲପୁର ସମେତ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଛି।

ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ପ୍ରସଙ୍ଗରେ ଲିଖିତ ପ୍ରତିଶ୍ରୁତି ଦାବି କରି ଆସୁଥିବା ଓଡ଼ିଶା ଡ୍ରାଇଭର ମହାସଂଘ ଏହି ଧର୍ମଘଟ ଡାକରା ଦେଇଥିଲା। ସରକାରଙ୍କ ସହ ଆଲୋଚନା ପରେ ଘରୋଇ ବସ୍ ମାଲିକ ସଂଘ ଯାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ବସ୍ ସେବା ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା।

ବସ୍ ମାଲିକ ସଂଘ ଘୋଷଣା କରିଛି ଯେ, ସେମାନେ ଡ୍ରାଇଭର ମହାସଂଘର ଧର୍ମଘଟକୁ ଆଉ ସମର୍ଥନ କରିବେ ନାହିଁ।

## ମୋତେ ପଛରୁ ଛୁରୀ ମାରିଥିଲେ ବିଜେଡି ନେତା

**ଭୁବନେଶ୍ୱର, ୧୨।୭ (ମହାଭାରତ):** ବିଜେଡି ବିରୋଧରେ ବିଷ ଓଗାଳଛନ୍ତି ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ। ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ପରେ ଆଜି ପ୍ରେସମିଟ୍ କରି ତାଙ୍କ ଗିରଫ ପଛର ଗୁମର ଖୋଲିଛନ୍ତି ଅର୍ଚ୍ଚନା। ସେ କହିଛନ୍ତି, ତାଙ୍କୁ ପଛରୁ ଛୁରୀ ମାରିଥିଲେ କିଛି ଆଗ ଧାଡ଼ିର ବିଜେଡି ନେତା ଓ ବରିଷ୍ଠ ପୋଲିସ ଅଧିକାରୀ। ଏହି ସମୟରେ ସେ ବବି ଦାସ, ମାନସ ମଙ୍ଗରାଜ, ଅମରେଶ ଜେନାଙ୍କ ନାଁ ନେଇ ତାଙ୍କୁ ଟାର୍ଗେଟ କରିଥିଲେ।। ପୋଲିସ ଅଧିକାରୀଙ୍କ ନାଁ ନେଇ ମଧ୍ୟ ଟାର୍ଗେଟ୍ କରିଥିଲେ।

ସେ କହିଛନ୍ତି, ମୋ ପ୍ରତି ଅନ୍ୟାୟ ହୋଇଛି। ଅଭିଯୋଗକାରିଣୀଙ୍କୁ ଟଙ୍କା ଦେଇ କିଣାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଲିଖିତ ଭାବରେ ଜଣାଇଛି।

ଅର୍ଚ୍ଚନା କହିଛନ୍ତି, ମୋତେ ୨୦୨୨ ମସିହା ଅକ୍ଟୋବର ୬ରେ ଗିରଫ କରାଯାଇଥିଲା। ତା ପୂର୍ବରୁ ୪ରୁ ଗୃହବନ୍ଦୀ କରି ରଖାଯାଇଥିଲା। ଅକ୍ଟୋବର ୧୦ରେ କିଏ ଅଭିଯୋଗ କରିଛନ୍ତି ବୋଲି ମୋତେ ଜଣାଗଲା। ମୋ ଘରର ସିସିଟିଭି ଫୁଟେଜର ହାର୍ଡ ଡିସ୍କ ଭାଙ୍ଗି ଦିଆଗଲା। ମୋତେ ଜେଲରେ ନିର୍ଯାତନା ଦିଆଯାଉଥିଲା। ପୁଲିସ ଟଙ୍କା ଦେଇ ଜେଲ କର୍ମଚାରୀଙ୍କୁ କିଣି ଦେଇଥିଲେ। ମୋତେ ଜେଲରେ ନିଶା ଇଞ୍ଜେକ୍ସନ, ମେଡିସିନ୍ ଦିଆଯାଉଥିଲା। ମୁଁ ପାଗେଳି ବୋଲି ସ୍ୱୀକାର କରିବାକୁ ବାଧ କରାଯାଇଥିଲା। ରାଜ୍ୟ ଛାଡ଼ି ଯିବାକୁ ଚାପ ପକାଯାଉଥିଲା। ଶ୍ରଦ୍ଧାଞ୍ଜଳି ବେହେରା ସ୍ୱୀକାର କରିଛନ୍ତି ଯେ, ତାଙ୍କୁ ଟଙ୍କା ଦେଇ ଅଭିଯୋଗ କରିବା ପାଇଁ ବାଧ କରାଯାଇଥିଲା। ଯାହାର କଲ୍ ରେକର୍ଡିଂ ସାମ୍ବାଦିକ ସମ୍ମିଳନୀରେ ସାର୍ବଜନୀନ କରିଛନ୍ତି ଅର୍ଚ୍ଚନା ନାଗ।



ଗତକାଲି ଅର୍ଚ୍ଚନା ନାଗ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ନ୍ୟାୟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଘଟଣାର ତଦନ୍ତ ଦାବି କରିଥିଲେ। ଘଟଣାର ତଦନ୍ତ ହେଲେ ଅନେକ ଲୋକଙ୍କ ଅସଲ ଚେହେରା ପଦାକୁ ଆସିବ। ୩୦ ମିନିଟରେ ସବୁ ଘଟଣାର ପର୍ଦ୍ଦାଫାସ୍ କରିଦେବେ ବୋଲି ସେ ଗଣମାଧ୍ୟମକୁ କହିଥିଲେ।

ଆଜି ସେମାନଙ୍କ ନା ନେଇ ସେମାନଙ୍କ ବିରୋଧରେ ଖୋଲା ଅଭିଯୋଗ ଆଣିଛନ୍ତି ଅର୍ଚ୍ଚନା। ଅର୍ଚ୍ଚନା ଆହୁରି କହିଛନ୍ତି, ତାଙ୍କ ବିରୋଧରେ ଅଭିଯୋଗ ସଂପୂର୍ଣ୍ଣ ପ୍ରାୟୋଜିତ ଥିଲା। ଟଙ୍କା ଦେଇ ଅଭିଯୋଗକାରିଣୀଙ୍କୁ କିଣା ଯାଇଥିଲା। ଯାହାର ପ୍ରମାଣ ତାଙ୍କ ନିକଟରେ ରହିଛି। ସେହିଭଳି ତାଙ୍କୁ ଜେଲରେ ନିର୍ଯାତନା ଦିଆଯାଉଥିବା, ତାଙ୍କୁ ରାଜ୍ୟ ଛାଡ଼ି ଚାଲିଯିବାକୁ ଚାପ ପକାଯାଉଥିବା, ତାଙ୍କୁ ପାଗଳି ବୋଲି ଜେଲରେ ସ୍ୱୀକାର କରିବାକୁ ବାଧ କରାଯାଉଥିବା ନେଇ ଅନେକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଅର୍ଚ୍ଚନା ନାଗ।

ଅର୍ଚ୍ଚନା ନାଗଙ୍କ ସଙ୍ଗୀନ ଅଭିଯୋଗ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି ବିଜେଡି। ପୂର୍ବତନ ବିଧାୟିକା ଲତିକା ପ୍ରଧାନ କହିଛନ୍ତି ଯେ, ଅଭିଯୋଗ ସମସ୍ତେ କରିପାରିବେ୍ୟ ଅଭିଯୋଗ କରିବାକୁ କାହାକୁ ମନା ନାହିଁ। ତାଙ୍କର ଯାହା କହିବାର ଅଛି, ସେ କୋର୍ଟରେ ତଥ୍ୟ ପ୍ରମାଣ ରଖନ୍ତୁ ବୋଲି କହିଛନ୍ତି ଲତିକା। ଅର୍ଚ୍ଚନା ନାଗଙ୍କ ଅଭିଯୋଗକୁ ଭିତ୍ତିହୀନ କହିଛନ୍ତି ଅମରେଶ ଜେନା । ସେ କହିଛନ୍ତି, ମୋର ଏହି ଘଟଣାରେ ସମ୍ପୃକ୍ତି ନାହିଁ, ତଦନ୍ତ ପରେ ସବୁ ସତ ଜଣାପଡ଼ିବ। ଅର୍ଚ୍ଚନା କାହା କଥାରେ ପଡ଼ି ଏପରି କହୁଛନ୍ତି କି କ'ଣ ମୁଁ ଜାଣିପାରୁନି। ସେ ଯେତେବେଳେ ମୋ ନାଁ ନେଇଛନ୍ତି, ମୁଁ କ'ଣ ବାହାରକୁ ପଳାଇବି ବୋଲି ପ୍ରଶ୍ନ କରିଛନ୍ତି ଅମରେଶ।

## ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଲଭ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଢାଞ୍ଚାରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



Lae

## 'କ୍ୟୁଁ କି ଶାଶ୍ ଭି କଭି ବୋହୂ ଥି -୨'

ପ୍ରଯୋଜିକା ଏକତା କପୁର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ସେ କାହିଁକି ୨୫ ବର୍ଷ ପରେ ' କ୍ୟୁଁ କି ଶାଶ୍? ଭି କଭି ବୋହୂ ଥି -୨' କୁ ପୁଣିଥରେ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଏହି ଶୋ'ର ବିପୁଳ ଲୋକପ୍ରିୟତା ସହିତ ଘରେ ଘରେ ପରିଚିତ ହୋଇଥିବା ଏହି ଫିଲ୍ମ ନିର୍ମାତା ତୁଳସୀ ବିରାନି ଭାବରେ ଅଭିନେତା-ରାଜନେତା ସ୍ମୃତି ଇରାନୀଙ୍କ ଦ୍ୱାରା ନିର୍ମିତ ଐତିହ୍ୟ ବିଷୟରେ ଲେଖିଛନ୍ତି ଏବଂ କାହିଁକି ସେମାନେ ଦୁଇ ଦଶନ୍ଧି ପରେ ପୁରୁଣା ସ୍ମୃତିକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ।

ନିକଟରେ ' କ୍ୟୁଁକି ଶାଶ୍? ଭି କଭି ବୋହୂ ଥି -୨' ର





ପ୍ରୋମୋ ସେୟାର କରିଛନ୍ତି ମେକର୍ସ । କିନ୍ତୁ ପ୍ରଥମେ ଏକତା ଏହି ଶୋକୁ କରିବାକୁ ଚାହୁଁନଥିଲେ। ଏନେଇ ନିଜେ ଏକ ପୋଷ୍ଟ ମାଧ୍ୟମରେ ଖୁଲାସା କରିଛନ୍ତି । ଏକତା ପୋଷ୍ଟରେ ଲେଖିଛନ୍ତି ଯେତେବେଳେ ଏହି ଶୋକୁ ପୁଣି ଥରେ ଲଞ୍ଚ କରିବା ଆଇଡିଆ ମୋ ପାଖକୁ ଆସିଥିଲା, ସିଧାସିଧା ମନା କରି ଦେଇଥିଲେ । ଯେଉଁ ଶୋ ଟେଲିଭିଜନ ଇତିହାସରେ କ୍ରାନ୍ତି ଆଣିଥିଲା ସେହି ଶୋ ତାର ପୂର୍ବ ସଫଳତା ଦୋହରାଇ ପାରିବ କି ନାହିଁ ମତେ ଜଣାନଥିଲା । ଏକତା ଲେଖିଛନ୍ତି ମୁଁ ପୁରୁଣା ସ୍ମୃତି ସହ କିଛି ବି କରିବାକୁ ଚାହୁଁନଥିଲି ।

ଏକତା କପୁର ପ୍ରତିଶ୍ରୁତି ଦେଇଥିଲେ ଯେ ଏହି ଶୋ'ଟି ପରିବାରରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାକୁ "ପ୍ରେରଣା" ଦେବ ଏବଂ " ଆଲୋଚନା ଆରମ୍ଭ କରିବ" । ସେ ଆହୁରି ମଧ କହିଥିଲେ ଯେ ଯେତେବେଳେ ଯୋଜନାଟି ପ୍ରଥମେ ଆଲୋଚନା ହୋଇଥିଲା ସେତେବେଳେ ସିଧାସିଧା ମନା କରି ଦେଇଥିଲେ ଏକତା ।

ଏବେ ଦର୍ଶକ ବଦଳିଛନ୍ତି ଓ ସେମାନେ ବିଭିନ୍ନ ପ୍ଲାଟଫର୍ମରେ କଣ୍ଟେଣ୍ଟ ଗୁଡିକୁ ଛୋଟ ଛୋଟ ପାର୍ଟରେ ଦେଖୁଛନ୍ତି । କଣ ଏହି ପରିବର୍ତ୍ତନ ' କ୍ୟୁଁକି ଶାଶ୍? ଭି କଭି ବୋହୂ ଥି -୨' ର ସେହି ଐତିହାସିକ ଟିଆରପିକୁ ଦୋହଲେଇ ଦେଇ ପାରିବ ।

ସେ କହିଲେ ' କ୍ୟୁଁକି ଶାଶ୍? ଭି କଭି ବୋହୂ ଥି -୨' ସୀମିତ ଏପିସୋଡ୍ ସହିତ ଫେରି ଆସୁଛି, ପ୍ରଭାବିତ କରିବା, ମନୋରଞ୍ଜନ କରିବା, ଚିନ୍ତାଧାରାକୁ ଅନୁସନ୍ଧାନ କରିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରେରଣା ଦେବା ଉଦ୍ଦେଶ୍ୟରେ ୨୫ ବର୍ଷ ପ୍ରଚୁର ମନୋରଞ୍ଜନ, ଉତ୍ସାହ ଏବଂ ହୃଦୟସ୍ପର୍ଶୀ ଭାବନା ସହିତ ପାଳନ କରିବା ପାଇଁ ।

ଏକତା କପୁର ଆହୁରି କହିଛନ୍ତି ଯେ ତାଙ୍କ ଶୋ' ଘରେ ବର୍ତ୍ତମାନର ବିଷୟବସ୍ତୁ ଦର୍ଶକଙ୍କୁ ମନୋରଞ୍ଜନ କରିବ।' କ୍ୟୁଁକି ଶାଶ୍? ଭି କଭି ବୋହୂ ଥି -୨' – ଏହା କ'ଣ ପାଇଁ ହୋଇଛି । ଏକ ବହୁ ପ୍ରତୀକ୍ଷିତ ପରିବର୍ତ୍ତନ ଆଣିଛି, ଏହାର ଇତିହାସ ଏବଂ ଏହା ଆମ ପାଇଁ କ'ଣ ରଖିଛି ତାହା ପାଇଁ ।

ନିଶ୍ଚିତ ଭାବରେ, ପ୍ରଚାରମୂଳକ ଶବ୍ଦ ନ ଶୁଣାଯାଇ କିନ୍ତୁ ସମ୍ପର୍କୀୟ ଏବଂ ଅନ୍ତର୍ଭୁକ୍ତ । ସେ ତାଙ୍କ ଦର୍ଶକଙ୍କୁ କହି ତାଙ୍କ କଥା ଶେଷ କଲେ ଯେ ଏହି ଶୋ'ଟି ସେମାନଙ୍କର, ଏବଂ ସେମାନଙ୍କର କାହାଣୀ ଉପରେ ବିଶ୍ୱାସ ରଖିବା ଉଚିତ ।

## ଶୁଭ ସମୟର ପୂର୍ବ ସୂଚନା

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦଘାତ ଅନ୍ୟତମମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ୍ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା ।

ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଈ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁ ଶୁଭ ସଙ୍କେତ ହୋଇଥାଏ।

ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ । ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



## ତୀର୍ଥଯାତ୍ରାର ମହତ୍ତ୍ୱ

ଖୁବ୍ କମ୍ ଲୋକ ଥିବେ, ଯେଉଁମାନେ କେବେହେଲେ କୌଣସି ତୀର୍ଥସ୍ଥଳୀକୁ ଯାଇନଥିବେ । ବିଶ୍ୱର ପ୍ରତ୍ୟେକ ଧର୍ମରେ ତୀର୍ଥ ଭ୍ରମଣ ପ୍ରତି ଗୁରୁତ୍ୱାରୋପ କରାଯାଇଛି । ସାଧାରଣତଃ ଆଧ୍ୟାତ୍ମିକ ଗୁରୁତ୍ୱ ଥିବା ସ୍ଥାନକୁ ଆମେ ତୀର୍ଥ ଯାତ୍ରା କରିଥାଉ । ତୀର୍ଥ ଯାତ୍ରା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ନିକଟତର ହେବା ଲାଗି ପ୍ରୟାସ କରିଥାଏ । ଗଭୀର ବିଶ୍ୱାସ ଏବଂ ଆସ୍ଥା ସହିତ ଆମଭିତରୁ ଅନେକ ତୀର୍ଥ ଯାତ୍ରା କରିଥାନ୍ତି । ଏହି ଦୃଢ଼ ବିଶ୍ୱାସ କାରଣରୁ ଯେତେକଷ୍ଟ ହେଉ ପଛେ ତୀର୍ଥସ୍ଥଳୀ ଅଭିମୁଖେ ଯାତ୍ରା କରିବାର ପରମ୍ପରା ରହିଛି । ଭାରତରେ କେଉଁ ପ୍ରାଚୀନ କାଳରୁ ତୀର୍ଥ ଭ୍ରମଣ ପରମ୍ପରା ପ୍ରଚଳିତ ହୋଇଆସୁଛି । ତେବେ ଏହି ତୀର୍ଥ ଭ୍ରମଣ କାହିଁକି କରାଯାଇଥାଏ? ଧର୍ମଶାସ୍ତ୍ରରେ



ତୀର୍ଥ ଯାତ୍ରା ପ୍ରତି ଏତେ ଗୁରୁତ୍ୱ କାହିଁକି ଦିଆଯାଇଛି? ଏହାର ଉତ୍ତର ଖୋଜିବାକୁ ହେଲେ ଆମକୁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

ସଂସାର ଜଞ୍ଜାଳ ମଧ୍ୟରେ ବୁଡ଼ି ରହି ମନୁଷ୍ୟ ନିଜକୁ ବିଭିନ୍ନ ବିକାର ମଧ୍ୟରେ ହଜାଇ ଦେଇଥାଏ । ମନୁଷ୍ୟ ସର୍ବଦା ନିଜ କର୍ମର ଉପଯୁକ୍ତ ଫଳ କିମ୍ବା ତା'ଠାରୁ ଅଧିକ ଫଳ ପାଇବା ଲାଗି ଚେଷ୍ଟା କରିଥାଏ । ଈଶ୍ୱରଙ୍କ ବିଧାନ ଦୃଷ୍ଟିରୁ ଯଦି ମନୁଷ୍ୟ ନିଜ କର୍ମର ଉପଯୁକ୍ତ ଫଳ ପାଇନଥିବା ଅନୁଭବ କରେ, ସେ ହତାଶ ହୋଇପଡ଼େ । ପୁଣି କେବେ କେବେ କର୍ମ ଅନୁଯାୟୀ ଉପଯୁକ୍ତ ଫଳ ପାଇବା ପରେ ମଣିଷ ଅଧିକ ଫଳ ପାଇବା ଲାଗି ପ୍ରଚେଷ୍ଟା କରିଥାଏ । ଏହି ପ୍ରଚେଷ୍ଟା ମନୁଷ୍ୟକୁ କ୍ଲାନ୍ତ କରି ଦେଇଥାଏ । ଏହି କ୍ଲାନ୍ତି ମାନସିକ ଏବଂ ଶାରୀରିକ ଭାବେ ତା'କୁ ଦୁର୍ବଳ କରିଦିଏ । ଏଭଳି ସ୍ଥିତିରେ ମନୁଷ୍ୟର ଜୀବନ ଦିଗହରା ହୋଇଯାଇଥାଏ । ଦିଗଭ୍ରଷ୍ଟ ମନୁଷ୍ୟର ଜୀବନ ଈଶ୍ୱରଙ୍କ ଶରଣାପନ୍ନ ହେବା ଦ୍ୱାରା ବାଟକୁ ଆସିଥାଏ । ସେଥିପାଇଁ ତୀର୍ଥାଟନ କରିବାର ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସିଛି । ସାଂସାରିକ କର୍ମ ଜଞ୍ଜାଳରେ ଲିପ୍ତ ହୋଇ କ୍ଲାନ୍ତ ହୋଇପଡ଼ିଥିବା ମନୁଷ୍ୟ ତୀର୍ଥଯାତ୍ରାରୁ ମାନସିକ ଶାନ୍ତି ପ୍ରାପ୍ତି କରିଥାଏ । ଏହି ଶାନ୍ତି ତା'କୁ ଈଶ୍ୱରଙ୍କ ଆହୁରି ନିକଟତର କରାଇଥାଏ । ସେଥିପାଇଁ ଆମ ପୁରାଣ ଶାସ୍ତ୍ରରେ ତୀର୍ଥଯାତ୍ରା କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ମଧ ତୀର୍ଥଯାତ୍ରା ମନୁଷ୍ୟର ଜୀବନକୁ ପ୍ରଭାବିତ କରିଥାଏ ।

ତୀର୍ଥଯାତ୍ରା ସମୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବା ମନୁଷ୍ୟ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଶାରିରୀକ ଏବଂ ମାନସିକ ଭାବେ ସୁସ୍ଥ ହୋଇଥାଏ । ତୀର୍ଥଯାତ୍ରା ମନୁଷ୍ୟର ଶରୀର ଏବଂ ମନର ସ୍ଥିତିକୁ ବଦଳାଇଥାଏ । ମନୁଷ୍ୟ ଜୀବନରେ ନୂତନ ପ୍ରାଣ ସଞ୍ଚାର କରିଥାଏ । ମନୁଷ୍ୟକୁ ପୁଣି ଥରେ କର୍ମ କରିବା ଲାଗି ଏବଂ ସତ୍‌ମାର୍ଗରେ ଜୀବନ ଜିଇଁବା ଲାଗି ନୂତନ ଶକ୍ତି ପ୍ରଦାନ କରିଥାଏ ।

## ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାର ଉପାୟ

ବୁଧବାର ଦିନ ବିଧି ବିଧାନ ଅନୁସାରେ ଭଗବାନ ଗଣେଶଙ୍କୁ ପୂଜା କରାଯାଇଥାଏ। ବୁଧବାର ଦିନ ଭଗବାନ ଗଣେଶଙ୍କର ବିଧି ବିଧାନ ଅନୁଯାୟୀ ପୂଜା କଲେ ଭଗବାନ ଗଣେଶ ପ୍ରସନ୍ନ ହୋଇ ଭକ୍ତଙ୍କ ସଙ୍କଟ ଦୂର କରିଥାନ୍ତି ଓ ମନୋସ୍କାମନା ପୂରଣ କରିଥାନ୍ତି। ହିନ୍ଦୁ ଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଗଣେଶଙ୍କୁ ଆରାଧନା କରାଯାଇଥାଏ। ଗଣେଶ ରିଦ୍ଧି-ସିଦ୍ଧି ଦାତା ଓ ଶୁଭ-ଲାଭ ପ୍ରଦାତା। ଗଣେଶ ଭକ୍ତଙ୍କ ବାଧାବିଘ୍ନ, ସଙ୍କଟ, ରୋଗ ଦୋଷ ତଥା ଦରିଦ୍ରତା ଦୂର କରିଥାନ୍ତି। ବିଶ୍ୱାସ ରହିଛି ଯେ ବୁଧବାର ଦିନ ସଚ୍ଚୋଟ ମନରେ ଗଣେଶଙ୍କୁ ଆରାଧନା କଲେ ଓ ମନ୍ତ୍ର ଜପ କଲେ ସମସ୍ୟା ସମାଧାନ ହୋଇଥାଏ। ଗଣେଶ ଅମଙ୍ଗଳ ଦୂର କରିଥାନ୍ତି। ଯାହା ଉପରେ ଭଗବାନ ଗଣେଶ କୃପା କରନ୍ତି ସେମାନଙ୍କ ଜୀବନର ସମସ୍ତ ବାଧା ଦୂର ହୋଇଥାଏ। ଗଣେଶ ଯେତେ ଶୀଘ୍ର ରାଗି ଯାଆନ୍ତି ସେତେ ଶୀଘ୍ର ମାନି ମଧ ଯାଇଥାନ୍ତି। ଶାସ୍ତ୍ରରେ କିଛି ସରଳ ଉପାୟ ରହିଛି ଯାହାଦ୍ୱାରା ଗଣେଶ ପ୍ରସନ୍ନ ହୋଇଥାନ୍ତି।



୧. ଦୁବ ଅର୍ପଣ କରନ୍ତୁ- ଗଣେଶଙ୍କୁ ପ୍ରସନ୍ନ କରିବାର ସବୁଠାରୁ ସରଳ ଉପାୟ ହେଲା ପ୍ରତିଦିନ ସକାଳୁ ସ୍ନାନ ଆଦି ସାରି ଗଣେଶଙ୍କୁ ୫ଟି ଦୁବ ଘାସ ଅର୍ପଣ କରନ୍ତୁ। ଦୁବକୁ ଗଣେଶଙ୍କ ମସ୍ତକରେ ଚଢ଼ାଇବା ଉଚିତ। ଚରଣରେ ଦୁବ ରଖିବେନି। ଦୁବ ଅର୍ପଣ କଲାବେଳେ ଏହି ମନ୍ତ୍ର ଜପିବେ- ଇଦ ଦୁର୍ବାଦଳଂ ଓଂ ଗଂ ଗଣପତୟେ ନମଃ

୨. ସମୀ ଅର୍ପଣ କରନ୍ତୁ - ଶାସ୍ତ୍ର ଅନୁସାରେ ସମୀ ଏକମାତ୍ର ଏମିତି ଗଛ ଯାହାକୁ ପୂଜା କଲେ ଗଣେଶ ଓ ଶନିଦେବ ପ୍ରସନ୍ନ ହୁଅନ୍ତି। କଥାରେ ଅଛି ଭଗବାନ ଶ୍ରୀରାମ ମଧ ରାବଣ ଉପରେ ବିଜୟ ପାଇବା ପାଇଁ ସମୀ ବୃକ୍ଷକୁ ପୂଜା କରିଥିଲେ। ସମୀ ଗଣେଶଙ୍କ ଅତ୍ୟନ୍ତ ପ୍ରିୟ। ନିୟମିତ ଗଣେଶଙ୍କୁ ସମୀ ପତ୍ର ଅର୍ପଣ କରନ୍ତୁ। ଏହାଦ୍ୱାରା ଘରକୁ ଧନ ଓ ସୁଖ ସମୃଦ୍ଧି ଆସିଥାଏ।

୩. ଚାଉଳ ଅର୍ପଣ କରନ୍ତୁ - ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାକୁ ପବିତ୍ର ଚାଉଳ ଅର୍ପଣ କରନ୍ତୁ। ଯେଉଁ ଚାଉଳ ଭାଙ୍ଗି ନଥାଏ ତାକୁ ପବିତ୍ର ଚାଉଳ କୁହାଯାଏ। ପୂଜାରେ ସବୁବେଳେ ଅରୁଆ ଚାଉଳ ବ୍ୟବହାର କରାଯାଏ। ଗଣେଶଙ୍କୁ ଶୁଖିଲା ଚାଉଳ ଅର୍ପଣ କରାଯାଏନାହିଁ, ଓଦା କରି ଅର୍ପଣ କରାଯାଏ। ଏହି ମନ୍ତ୍ର କହି ୩ଥର ଚାଉଳ ଅର୍ପଣ କରନ୍ତୁ- ଇଦ ଅକ୍ଷତମ୍ ଓଂ ଗଂ ଗଣପତୟେ ନମଃ

୪. ଗଣେଶଙ୍କ ପ୍ରିୟ ନାଲି ସିନ୍ଦୁର- ଗଣେଶଙ୍କୁ ନାଲି ସିନ୍ଦୁର ବହୁତ ପସନ୍ଦ। ଗଣେଶଙ୍କୁ ପ୍ରସନ୍ନ କରିବାକୁ ସିନ୍ଦୁରରେ ତିଳକ କରନ୍ତୁ। ଗଣେଶଙ୍କୁ ତିଳକ କରିବା ପରେ ନିଜ ମଥାରେ ମଧ ତିଳକ ଲଗାନ୍ତୁ। ଏହାଦ୍ୱାରା ଗଣେଶଙ୍କ କୃପା ପ୍ରାପ୍ତ ହେବାସହ ଆର୍ଥିକ ସମସ୍ୟା ଓ ବିଘ୍ନ ଦୂର ହୋଇଥାଏ। ଗଣେଶଙ୍କୁ ସିନ୍ଦୁର ଅର୍ପଣ କଲାବେଳେ ଏହି ମନ୍ତ୍ର କୁହନ୍ତୁ- ସିନ୍ଦୁର ଶୋଭନମ ରକ୍ତଂ ସୌଭାଗ୍ୟଂ ସୁଖବର୍ଦ୍ଧନମ୍ । ଶୁଭଦଂ କାମଦଂ ଚୈଓ୍ୱ ସିନ୍ଦୁରଂ ପ୍ରତିଗୃହ୍ୟତାମ୍ୟାୟ ଓଁ ଗଂ ଗଣପତୟେ ନମଃ।



## ଭକ୍ତର ଶୁଖିଲା ଶାଗରେ ସନ୍ତୁଷ୍ଟ ହେଲେ ଭଗବାନ

ମହାଭାରତ ଯୁଦ୍ଧ ସମୟର କଥା । ପାଣ୍ଡବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ନିକଟକୁ ଆସିଥାନ୍ତି । ମାତ୍ର ଏହି ସନ୍ଧିକୁ ଦୁର୍ଯ୍ୟୋଧନ ସ୍ୱୀକାର କଲା ନାହିଁ । ବାସୁଦେବ ଫେରିଆସିଲେ। ଏହି ସମୟରେ



ଧୃତରାଷ୍ଟ୍ର, ଗାନ୍ଧାରୀ ଓ ଦୁର୍ଯ୍ୟୋଧନ ମିଶି ବାସୁଦେବଙ୍କୁ ସେମାନଙ୍କ ରାଜଭବନରେ ଅତିଥି ହେବା ଲାଗି ନିମନ୍ତ୍ରଣ କଲେ। ମାତ୍ର ପାଣ୍ଡବଙ୍କ ଦୂତ ହୋଇ ଆସିଥିବାରୁ ଶ୍ରୀକୃଷ୍ଣ ଏଥିପାଇଁ ମନାକଲେ । ପ୍ରକୃତରେ ସେ ବିଦୂରଙ୍କ ଘରେ ରହିବାକୁ ଚାହୁଁଥିଲେ। କୃଷ୍ଣଙ୍କ ମଧୁର ସ୍ୱର ଶୁଣି ବିଦୂରଙ୍କ ପତ୍ନୀ ଭକ୍ତିରେ ତଲ୍ଲୀନ ହୋଇଗଲେ । କୃଷ୍ଣଙ୍କୁ ଅତିଥି ରୂପେ ପାଇ ସେ ନିଜକୁ ଧନ୍ୟ ମନେ କଲେ। ଶେଷରେ ଖାଇବା ବେଳ ଆସିଲା । ବିଦୂରଙ୍କ ପତ୍ନୀ କଦଳୀ ଚୋପା ଛଡ଼ାଇ ଖାଇବାକୁ ଦେଉଥିଲେ । କୃଷ୍ଣଙ୍କୁ ପାଖରେ ପାଇ ସେ ଏତେମାତ୍ରାରେ ଭକ୍ତିରେ ବିହ୍ୱଳ ହୋଇପଡ଼ିଥିଲେ ଯେ କଦଳୀକୁ ତଳେ ଫିଙ୍ଗି ଦେଇ କୃଷ୍ଣଙ୍କୁ ଚୋପା ଖାଇବାକୁ ଦେଲେ । କୃଷ୍ଣ ମଧ ତାଙ୍କ ଠାରୁ ଚୋପା ଖାଇବାକୁ ଲାଗିଲେ । କୃଷ୍ଣଙ୍କୁ ଶୁଖିଲା ଶାଗ ଖାଇବାକୁ ଦେଇଥିଲେ ବିଦୂରଙ୍କ ପତ୍ନୀ। କିନ୍ତୁ କୃଷ୍ଣ ଯେତେବେଳେ ସେହି ଶାଗକୁ ଧରିଲେ ତାହା ମିଠାରେ ପରିଣତ ହୋଇଗଲା। ଏହାଦେଖି ସମସ୍ତେ ଚକିତ ହୋଇଗଲେ। ପତ୍ନୀ ତାଙ୍କର ଅନ୍ୟମନସ୍କ ଭାବେ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଉଥିବା ଦେଖି ବିଦୂର ଧାଇଁ ଆସିଲେ । କୃଷ୍ଣଙ୍କୁ କଦଳୀ ଖାଇବାକୁ ଦେବା ସହ ପତ୍ନୀଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ମାତ୍ର ଭଗବାନ କୃଷ୍ଣ କହିଲେ, ମୋତେ ତ' କଦଳୀ ଚୋପା, ଶୁଖିଲା ଶାଗ ଖାଇବାରେ ହିଁ ଆନନ୍ଦ ମିଳୁଥିଲା । ଆପଣ ଓ ଆପଣଙ୍କ ଧର୍ମପତ୍ନୀଙ୍କ ଭକ୍ତିରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ଆପଣ ଅପରାଧବୋଧ କରିବା ଅନୁଚିତ୍ ।

# ‘ବିକଶିତ ଭାରତ’ ଗଠନ ପାଇଁ ଖସଡ଼ା ପ୍ରସ୍ତୁତ କର

**ଭୁବନେଶ୍ୱର,୧୨।୭ (ମହାଭାରତ):** ୨୦୩୫ ସୁଦ୍ଧା ଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମଲେଖାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ପାଠ୍ୟକ୍ରମକୁ ନୂଆ ରୂପ ଦେବା ସହ ଏକ ବ୍ୟବସ୍ଥିତ ଡିଜିଟାଲ ବ୍ୟବସ୍ଥା ତିଆରି କରିବା ପାଇଁ ପଡ଼ିବ। ଅଧ୍ୟାପକମାନଙ୍କୁ ତାଲିମ ସହିତ ବିବିଧ ପଦ୍ଧତିକୁ ପ୍ରୋତ୍ସାହିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପଦକ୍ଷେପ ନେବାକୁ ହେବ ବୋଲି ଗୁରୁବାର ଗୁଜୁରାଟର କେଭାଡିଆରେ ଅନୁଷ୍ଠିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଦୁଇ ଦିନିଆ କୁଳପତି ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ନୀତିର ପୂର୍ଣ୍ଣ କ୍ରିୟାନ୍ୱୟନ ଉପରେ ଏକ ରଣନୀତି ପତ୍ର ପ୍ରସ୍ତୁତ କରିବାକୁ ସେ ଆହ୍ୱାନ କରିଥିଲେ।




ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଦଶନ୍ଧିରେ ଭାରତର ଉଚ୍ଚଶିକ୍ଷା ପରିସଂସ୍ଥାନ ଏକ ମୌଳିକ ପରିବର୍ତ୍ତନ ଦେଇ ଗତି କରିଛି। ଆମର ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡ଼ିକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ବହୁମୁଖୀ କରିବା ସହ ନବସୃଜନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଫଳସ୍ୱରୂପ ଦେଶରେ ମୋଟ ଛାତ୍ରଛାତ୍ରୀଙ୍କ ନାମଲେଖା ୪.୪୬ କୋଟିକୁ ଛୁଇଁଛି। ୨୦୧୪-୧୫ ପରଠାରୁ ନାମଲେଖାରେ ୩୦ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମହିଳାଙ୍କ ନାମଲେଖା ୩୮ ପ୍ରତିଶତକୁ ବୃଦ୍ଧି ପାଇଛି। ମହିଳାଙ୍କ ନାମଲେଖା ବର୍ତ୍ତମାନ ପୁରୁଷ ଅପେକ୍ଷା ଅଧିକ ରହିଛି। ପିଏଚଡି ନାମଲେଖା ପ୍ରାୟ ଦ୍ୱିଗୁଣିତ ହୋଇଛି ଏବଂ ମହିଳା ପିଏଚଡିଙ୍କ ସଂଖ୍ୟା ୧୩୬ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଅନୁସୂଚିତ ଜନଜାତିଙ୍କ ନାମଲେଖା ୧୦ ପ୍ରତିଶତ ପଏଣ୍ଟ ବୃଦ୍ଧି ପାଇଥିବା ବେଳେ ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ୮ ପଏଣ୍ଟ ଅଧିକ ବୃଦ୍ଧି ପାଇଛି। ଏହା ସମାବେଶୀ ଶିକ୍ଷା ଏବଂ ସାମାଜିକ ନ୍ୟାୟ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସୂଚିତ କରୁଛି। ସକାରାତ୍ମକ ନୀତିଗତ ପଦକ୍ଷେପ ଫଳସ୍ୱରୂପ ୧୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ଏବଂ ୪୬,୦୦୦ ରୁ ଅଧିକ କଲେଜ ସ୍ଥାପନା ହୋଇଛି ଯାହା ଭାରତକୁ ବିଶ୍ୱସ୍ତରରେ ସର୍ବବୃହତ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ କରିଛି।

କେନ୍ଦ୍ରମନ୍ତ୍ରୀ ତାଙ୍କ ଅଭିଭାଷଣ ସମୟରେ ଜାତୀୟ ଶିକ୍ଷା ନୀତିର ପଞ୍ଚ ସଂକଳ୍ପନାର ବିଚାର ଉପରେ ଆଲୋକପାତ କରିଥିଲେ, ଯାହା ସେମାନଙ୍କ ବିଶ୍ୱବିଦ୍ୟାଳୟ ଗୁରୁକୁଳରେ କୁଳପତିମାନଙ୍କର ଏକ ମାର୍ଗଦର୍ଶିକା ହେବ। ଏହି ପଞ୍ଚ ସଂକଳ୍ପ ହେଉଛି, ଆଗାମୀ ପିଢ଼ିଙ୍କ ପାଇଁ ଉଭା ହେଉଥିବା ଶିକ୍ଷା, ବହୁମୁଖୀ ଶିକ୍ଷା, ଅଭିନବ ଶିକ୍ଷା, ସମଷ୍ଟିଗତ ଶିକ୍ଷା ଏବଂ ଭାରତୀୟ ଶିକ୍ଷା ଉପରେ ଯୋର। ଶ୍ରୀ ପ୍ରଧାନ କୁଳପତିମାନଙ୍କୁ ଶିକ୍ଷାଗତ ତ୍ରିବେଣୀ ସଙ୍ଗମର ଉଦ୍ଦେଶ୍ୟଗୁଡ଼ିକୁ ନିମ୍ନଲିଖିତ ଉଦ୍ଦେଶ୍ୟ ମାଧ୍ୟମରେ କାର୍ଯ୍ୟକାରି କରିବା ପାଇଁ ପରିବର୍ତ୍ତନ ଆଣିବାକୁ ଆହ୍ୱାନ କରିଥିଲେ। ଯେମିତି କି ଅତୀତକୁ ପାଳନ କରିବା (ଭାରତର ସମୃଦ୍ଧି), ବର୍ତ୍ତମାନକୁ ଚିହ୍ନଟ କରିବା (ଭାରତର ବର୍ଣ୍ଣନା ସଂଶୋଧନ) ଏବଂ ଭବିଷ୍ୟତ ସୃଷ୍ଟି କରିବା (ବିଶ୍ୱ କ୍ରମରେ ଭାରତର ଭୂମିକା)। ଏହା ଅତୀତର ବିଷୟବସ୍ତୁକୁ ବୁଝିବା ସହ ବର୍ତ୍ତମାନକୁ ଉନ୍ମୋଚିତ କରିବ ତଥା ସମସାମୟିକ ଢାଞ୍ଚାରେ ଭବିଷ୍ୟତକୁ ଉନ୍ମୋଚିତ କରିବା ଦିଗରେ ପଦକ୍ଷେପକୁ ସୁନିଶ୍ଚିତ କରିବ। ଶିକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଆମର ରାଷ୍ଟ୍ରୀୟ ଶକ୍ତି ହେଉଛନ୍ତି ଯୁବବର୍ଗ, ଜାତୀୟ ଶିକ୍ଷା ନୀତିରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆମେ ବଦ୍ଧ ପରିକର। ସମ୍ମିଳନୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କାଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟ, ସିକିମ୍ ବିଶ୍ୱବିଦ୍ୟାଳୟ, ତ୍ରିପୁରା ବିଶ୍ୱବିଦ୍ୟାଳୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ସମେତ ଅନେକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏଥିରେ ଯୋଗ ଦେଇଥିଲେ।

# ସନ୍ତୋଷ ଖଟୁଆଙ୍କ ଗିରଫ ଦାବି

**ଭୁବନେଶ୍ୱର,୧୨।୭ (ମହାଭାରତ):** ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି । ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତଳିକା ଦାହ କରାଯାଇଥିଲା।

ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକ ମାନେ ନିଜର ନୀତି ନୈତିକତା ଭୁଲି ଯାଉଛନ୍ତି । ବିଜେପି ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ । ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି । ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନ ଭୁଲିଯାଇଛନ୍ତି । ଡ଼ ଲେଖଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ। ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଶ୍ରୀମତୀ ମନୋରମା ମହାନ୍ତି, ଶ୍ରୀମତୀ ସୁବାସିନୀ ଜେନା, ଶ୍ରୀମତୀ ସୁଜାତା ସାହୁ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ଶ୍ରୀମତୀ ଗୀତାଞ୍ଜଳୀ ରାଉତରାୟ ପ୍ରମୁଖ ସାମିଲ୍ ଥିଲେ। ଦଳର ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ ସନ୍ତୋଷ ଖଟୁଆ। ଏ ନେଇ ଥାନାରେ ଏତଲା ଦାୟର ହୋଇଥିଲେ ମଧ୍ୟ କାହିଁକି ତାଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ନେଇ ଡିଜିଙ୍କୁ ଦାବିପତ୍ର ଦେଇଛି ବିଜୁ ମହିଳା ଜନତା ଦଳ।

# ଭାରତବର୍ଷର ଗୁରୁ ପରମ୍ପରା ଅନନ୍ୟ

**ଭୁବନେଶ୍ୱର,୧୨।୭ (ମହାଭାରତ):** ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମ ରୁଦ୍ରବିହାର ଠାରେ ଗୁରୁବାର ଦିନ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପୂଜ୍ୟ ସ୍ୱାମିଜୀଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଲେ ଯେ, ଆମ ସଂସ୍କୃତିରେ ଗୁରୁ ପୂଜନ ଏଭଳି ଏକ ବ୍ୟବସ୍ଥା ସମଗ୍ର ପୃଥିବୀରେ କେବଳ ଭାରତବର୍ଷରେ ହିଁ ଦେଖା ଦେଇଥାଏ। ଆମେ ଗୁରୁଙ୍କୁ କେବଳ ଶିକ୍ଷାଦାତା ଭାବେ ସମ୍ମାନ କରୁନାହୁଁ, ଗୁରୁଙ୍କୁ ସାକ୍ଷାତ ଈଶ୍ୱର ଭାବରେ ଆମେ ସମ୍ମାନିତ କରିଥାଉ। ଆଶୀର୍ବଚନରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତବର୍ଷର ଗୁରୁ ପରମ୍ପରା ଅନନ୍ୟ। ଭଗବାବ ବେଦବ୍ୟାସଙ୍କ ଠାରୁ ଗୁରୁ ପରମ୍ପରା ଆରମ୍ଭ ହୋଇଛି।

ସମ୍ମାନିତ ଅତିଥି, ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା ଓ ପାର୍ଥସାରଥୀ ଅଜୟ ବାରିକ ଗୁରୁଙ୍କ ପ୍ରତି ସମ୍ମାନ ଜଣାଇ କହିଲେ ଯେ, ମାତା ହେଉଛନ୍ତି ଆମର ପ୍ରଥମ ଗୁରୁ। ଆମେ ଆମ ସମାଜରେ ମାତାପିତାଙ୍କ ପରେ, ଆଚାର୍ଯ୍ୟଙ୍କୁ ଗୁରୁ ଭାବରେ ଗ୍ରହଣ କରିଥାଉ, କିନ୍ତୁ ଅତିଥି ମଧ୍ୟ ଗୁରୁଙ୍କ ପଦବାଚ୍ୟ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ପ୍ରଶାସକ ବିନୋଦ ବିହାରୀ ନାୟକ, ସହଦେବ ଜୟସିଂ, ସ୍ୱାମୀ ବ୍ରହ୍ମାନନ୍ଦଙ୍କ ବିଚାରଧାରା ଆଜିର ଯୁବ ସମାଜକୁ ନିଶ୍ଚିତ ପ୍ରଭାବିତ କରିବ ବୋଲି କହିଥିଲେ। ପ୍ରଫେସର ଡ. ଅଶୋକ ମିଶ୍ର, ଶ୍ରୀ ସନ୍ନ୍ୟାସୀ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଡ. ଅସିତ ମହାନ୍ତି କହିଲେ ଯେ, ଆମ ସମାଜରେ ଗୁରୁଙ୍କୁ ଭଗବାନଙ୍କ ଭଳି ସମ୍ମାନ ଦିଆଯାଇଥାଏ। ତାର କାରଣ ସେ କେବଳ ଶିକ୍ଷାଦାତା ନୁହଁନ୍ତି, ସେ ଶିଷ୍ୟର ବା ଛାତ୍ରର କଲ୍ୟାଣ ସବୁବେଳେ ଚିନ୍ତା କରିଥାନ୍ତି।

ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ବିନାୟକ ମିଶ୍ର, ସଙ୍ଗୀତଜ୍ଞ ଚିତ୍ତ ରଞ୍ଜନ ପାଣି, ଡ. ବିଜୟାନନ୍ଦ ସିଂ, ଇଂ ବିନୟ ଭୂଷଣ ଭୂୟାଁ ତାଙ୍କ ବକ୍ତବ୍ୟରେ ଆଜିର ସମାଜରେ ଗୁରୁମାନେ ଠିକଣା ଭାବେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରୁନଥିବାରୁ ସମାଜରେ ନିନ୍ଦିତ ହେଉଛନ୍ତି ସେମାନେ ବୋଲି କହିଥିଲେ।

# ୧୭ ନୂତନ ମତ୍ସ୍ୟ କ୍ଲଷ୍ଟର ଉଦଘାଟିତ

**ଭୁବନେଶ୍ୱର,୧୨।୭ (ମହାଭାରତ):** ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗ ଦେଇ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ମତ୍ସ୍ୟଚାଷ କ୍ଷେତ୍ରରେ ଗୁଣବତ୍ତା, ମାନକୀକରଣ ଏବଂ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଇସିଏଆର ତାଲିମ କ୍ୟାଲେଣ୍ଡର ପ୍ରକାଶନ କରିଛନ୍ତି। ସେହିପରି ସେ ବିହନ ପ୍ରମାଣୀକରଣ ଏବଂ ହ୍ୟାଚେରୀ କାର୍ଯ୍ୟ ଉପରେ ମାର୍ଗଦର୍ଶିକା ଉନ୍ମୋଚନ ସମେତ ପ୍ରମୁଖ ମତ୍ସ୍ୟଚାଷ ପଦକ୍ଷେପର ଏକ ଶୃଙ୍ଖଳା ଆରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପାରମ୍ପରିକ ମତ୍ସ୍ୟଚାଷୀ, ସମବାୟ/ଏଫଏଫପିଓ, କେସିସି କାର୍ଡଧାରକ ଏବଂ ପ୍ରତିଶ୍ରୁତିବଦ୍ଧ ମତ୍ସ୍ୟଚାଷ ଷ୍ଟାର୍ଟ-ଅପ୍ ସମେତ ମତ୍ସ୍ୟଚାଷ ହିତାଧିକାରୀଙ୍କୁ ମଧ୍ୟ ସମ୍ମାନିତ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂ ପ୍ରଦୀପ ପ୍ରଜ୍ୱଳନ କରି ଜାତୀୟ ମତ୍ସ୍ୟ ଦିବସ ସମାରୋହକୁ ଆନୁଷ୍ଠାନିକ ଭାବେ ମଧ୍ୟ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ.ପି. ସିଂ ବାଘେଲ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଜର୍ଜ କୁରିୟନ, ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ।

# ଗୁରୁ ପରମ୍ପରା ଅନନ୍ୟ

**ଭୁବନେଶ୍ୱର,୧୨।୭ (ମହାଭାରତ):** ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମ ରୁଦ୍ରବିହାର ଠାରେ ଗୁରୁବାର ଦିନ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପୂଜ୍ୟ ସ୍ୱାମିଜୀଙ୍କ ପୌରହିତ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଲେ ଯେ, ଆମ ସଂସ୍କୃତିରେ ଗୁରୁ ପୂଜନ ଏଭଳି ଏକ ବ୍ୟବସ୍ଥା ସମଗ୍ର ପୃଥିବୀରେ କେବଳ ଭାରତବର୍ଷରେ ହିଁ ଦେଖା ଦେଇଥାଏ। ଆମେ ଗୁରୁଙ୍କୁ କେବଳ ଶିକ୍ଷାଦାତା ଭାବେ ସମ୍ମାନ କରୁନାହୁଁ, ଗୁରୁଙ୍କୁ ସାକ୍ଷାତ ଈଶ୍ୱର ଭାବରେ ଆମେ ସମ୍ମାନିତ କରିଥାଉ। ଆଶୀର୍ବଚନରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତବର୍ଷର ଗୁରୁ ପରମ୍ପରା ଅନନ୍ୟ। ଭଗବାବ ବେଦବ୍ୟାସଙ୍କ ଠାରୁ ଗୁରୁ ପରମ୍ପରା ଆରମ୍ଭ ହୋଇଛି। ସମ୍ମାନିତ ଅତିଥି, ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଫେସର ବ୍ରଜବନ୍ଧୁ ପଣ୍ଡା ଓ ପାର୍ଥସାରଥୀ ଅଜୟ ବାରିକ ଗୁରୁଙ୍କ ପ୍ରତି ସମ୍ମାନ ଜଣାଇ କହିଲେ ଯେ, ମାତା ହେଉଛନ୍ତି ଆମର ପ୍ରଥମ ଗୁରୁ। ଆମେ ଆମ ସମାଜରେ ମାତାପିତାଙ୍କ ପରେ, ଆଚାର୍ଯ୍ୟଙ୍କୁ ଗୁରୁ ଭାବରେ ଗ୍ରହଣ କରିଥାଉ, କିନ୍ତୁ ଅତିଥି ମଧ୍ୟ ଗୁରୁଙ୍କ ପଦବାଚ୍ୟ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ପ୍ରଶାସକ ବିନୋଦ ବିହାରୀ ନାୟକ, ସହଦେବ ଜୟସିଂ, ସ୍ୱାମୀ ବ୍ରହ୍ମାନନ୍ଦଙ୍କ ବିଚାରଧାରା ଆଜିର ଯୁବ ସମାଜକୁ ନିଶ୍ଚିତ ପ୍ରଭାବିତ କରିବ ବୋଲି କହିଥିଲେ। ପ୍ରଫେସର ଡ. ଅଶୋକ ମିଶ୍ର, ଶ୍ରୀ ସନ୍ନ୍ୟାସୀ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଡ. ଅସିତ ମହାନ୍ତି କହିଲେ ଯେ, ଆମ ସମାଜରେ ଗୁରୁଙ୍କୁ ଭଗବାନଙ୍କ ଭଳି ସମ୍ମାନ ଦିଆଯାଇଥାଏ।ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା ବିନାୟକ ମିଶ୍ର, ର ଆଜିର ସମାଜରେ ଗୁରୁମାନେ ଠିକଣା ଭାବେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରୁନଥିବାରୁ ସମାଜରେ ନିନ୍ଦିତ ହେଉଛନ୍ତି ସେମାନେ ବୋଲି କହିଥିଲେ।

**ବଦଳିଲା ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ଢାଞ୍ଚା**

# ଫେଲ୍ ହେଲେ ପୁଣି ପରୀକ୍ଷା ଦେବେ ପିଲା

**ଭୁବନେଶ୍ୱର,୧୨।୭ (ମହାଭାରତ):** ଓଡ଼ିଶା ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ ରେ ସଂଶୋଧନ କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ, ୨୦୨୫ ମାଧ୍ୟମରେ



ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି ।

ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପ ମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରାଯିବ ଯ ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରଟିଏ ଯେପରି ତାହାର ମୌଳିକ ଶିକ୍ଷାସ୍ତର ହାସିଲ୍ କରିପାରିବ ସେ ନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ଯଦି କୌଣସି ପିଲା ଏହି ପରୀକ୍ଷାରେ ବିଫଳ ହୁଏ, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ପୁନଃପରୀକ୍ଷା ପାଇଁ ସୁଯୋଗ ପ୍ରଦାନ କରାଯିବ। ପୁନଃପରୀକ୍ଷା ପରେ ମଧ୍ୟ ଆବଶ୍ୟକୀୟ ପଦୋନ୍ନତି ମାନଦଣ୍ଡ ପୂରଣ କରିବାରେ ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସମାନ ଶ୍ରେଣୀରେ ରଖାଯାଇପାରିବ। ସଂଶୋଧନ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ସମାପ୍ତ ନହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏହି ସଂଶୋଧନ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ ର ଧାରା ୩୮ ସହିତ ସମନ୍ୱିତ। ଏହା ଓଡ଼ିଶା ଗେଜେଟରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନ ଶିକ୍ଷାଗତ ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନହେବ ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

# ଭାରତର ବିକାଶ ଏବଂ ଅର୍ଥନୈତିକ ଆହ୍ୱାନକୁ ନେଇ ଏଫଡିପି

**ଭୁବନେଶ୍ୱର,୧୨।୭ (ମହାଭାରତ):** ବିଶ୍ୱର ୪ର୍ଥ ସର୍ବବୃହତ ଅର୍ଥନୈତିକ ଶକ୍ତି ଭାବେ ଭାରତ ଉଭା ହୋଇଥିବା ବେଳେ ଏହାର ଆନୁଷ୍ଠାନିକ ସ୍ଥିତିକୁ ସୁଦୃଢ଼ କରିବା ସହ ବିକଶିତ ଦେଶଗୁଡ଼ିକ ଅବଲମ୍ବନ କରୁଥିବା ଆନ୍ତର୍ଜାତିକ ମାନକୁ ଅନୁଶୀଳନ କରିବା ଆବଶ୍ୟକ ବୋଲି ଜଣେ ବିଶିଷ୍ଟ ବିଶେଷଜ୍ଞ କହିଛନ୍ତି। ଭାରତୀୟ ବଜାରର ସଫଳତା ସ୍ପଷ୍ଟ ବାରି ହୋଇପାରୁଥିବା ବେଳେ ଆମର ଆନୁଷ୍ଠାନିକ ସ୍ଥିତିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍ ଟ୍ରେଡ (ଆଇଆଇଏଫ୍‌ଟି)ର ଅର୍ଥନୈତିକ ଶାଖାର ପ୍ରଫେସର ତଥା ମୁଖ୍ୟ ଡକ୍ଟର ବସନ୍ତ କୁମାର ସାହୁ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଆୟୋଜିତ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମରେ ବକ୍ତବ୍ୟ ରଖିବା ଅବସରରେ ଏହା କହିଛନ୍ତି ପ୍ରଫେସର ସାହୁ।

ଆଇବିସିଏସ୍ ପକ୍ଷରୁ ଆୟୋଜିତ ଏଫଡିପିର ଶୀର୍ଷକ ଥିଲା ‘ଭାରତର ବିକାଶ ଏବଂ ଅର୍ଥନୈତିକ ଆହ୍ୱାନ୍’। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଅଧକ୍ଷତା କରି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଜାତୀୟ ସ୍ତରରେ ଅର୍ଥନୈତିକ ଆଲେଚନା ଏବଂ ନୀତି ସଚେତନତା ନିମନ୍ତେ ରହିଥିବା ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ବିଶ୍ୱର ୪ର୍ଥ ସର୍ବବୃହତ ଅର୍ଥନୀତି ଶକ୍ତି ଭାବେ ଭାରତ ଉଭା ହେବା ଏବଂ ଏ




କ୍ଷେତ୍ରରେ ଅର୍ଥନୈତିକ ଆହ୍ୱାନ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଆଇବିସିଏସ୍‌ର ଡକ୍ଟର ବିଭୁତି ଭୂଷଣ ମିଶ୍ର ଏବଂ ଡକ୍ତର ପ୍ରୀତି ଓ୍ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ଡକ୍ଟର ଧୃତି ସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲ’ କମିଶନଙ୍କ ଲୋଗୋ ଓ ଇ-ମେଲ ଆଇଡି ଉନ୍ମୋଚିତ



**ଭୁବନେଶ୍ୱର,୧୨।୭ (ମହାଭାରତ):** ଓଡିଶା ରାଜ୍ୟ ଲ’ କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ। ବୈଠକରେ ପାଞ୍ଚଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା ଯେଉଁଥିରେ କମିଶନର ଲୋଗୋ ଏବଂ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗର ତାରିଖ ୧୬.୦୩.୧୬ ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏଥିସହିତ ଧାରା ୧୪(୨) ଅନୁଯାଇ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍ ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିଶ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ବିପର୍ଯ୍ୟୟ ପ୍ରଶମନରେ ଅନୁଷ୍ଠାନ, ଆଇନ୍, ନିୟାମକ ଏବଂ କ୍ଷମତା ନିର୍ମାଣର ଭୂମିକା ବିଶ୍ଳେଷଣ କଲେ ଡକ୍ଟର ପି.କେ. ମିଶ୍ର**

# ଏଚଏଡିଆର କାର୍ଯ୍ୟରେ ଭାରତ ବିଶ୍ୱରେ ଏକ ପ୍ରମୁଖ ମୁକାବିଲାକାରୀ ଦେଶ

**ଭୁବନେଶ୍ୱର,୧୨।୭ (ମହାଭାରତ):** ଆର୍ଥିକ ବ୍ୟବସ୍ଥା, ସଂସ୍ଥାଗତ ବିକାଶ ଏବଂ କ୍ଷମତା ନିର୍ମାଣରେ ନିବେଶ ଏକ ବ୍ୟାପକ ଫଳାଫଳ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର କହିଛନ୍ତି । ସେ ଦୃଢ଼ତାର ସହିତ କହିଛନ୍ତି ଯେ ଭାରତର ବିକଶିତ ବିପର୍ଯ୍ୟୟ ବିପଦ ପ୍ରଶମନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିପର୍ଯ୍ୟୟ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ। ବାଙ୍ଗାଲୋର ଆଇଆଇଏମର ସେଣ୍ଟର ଫର୍ ପବ୍ଲିକ୍ ପଲିସିର ପ୍ରତିଷ୍ଠା ଦିବସ ରୌପ୍ୟ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ଡକ୍ଟର ପିକେ ମିଶ୍ର ଏହା କହିଛନ୍ତି। ଏକ ବ୍ୟାପକ ଆଭିମୁଖ୍ୟ ସହିତ ଗୁଜରାଟ ଭୂମିକମ୍ପ ପୁନରୁଦ୍ଧାର କାର୍ଯ୍ୟକ୍ରମ ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଥିଲା ତାହା ସେ ବୁଝାଇ କହିଥିଲେ।

ଡକ୍ଟର ପି.କେ ମିଶ୍ର ଗୁରୁତ୍ୱାରୋପ କରିଥିଲେ ଯେ ଉନ୍ନତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସଂସ୍ଥାଗତ ଦୃଢ଼ତା, ଉତ୍ତମ ଯୋଜନା ଏବଂ ଅଧିକ ପ୍ରତିକ୍ରିୟାଶୀଳ ଆର୍ଥିକ ସହାୟତାର ମିଳିତ ପ୍ରଭାବ ଯୋଗୁଁ ଅପ୍ରତ୍ୟାଶିତ ଏବଂ ଧୀର ବିପଦ ଉଭୟ କ୍ଷେତ୍ରରେ ମୃତ୍ୟୁହାର ସ୍ଥିର ଭାବରେ ହ୍ରାସ ପାଇଛି। ଭାରତ ଏକ ସ୍ୱାକ୍ଷରକାରୀ ଥିବା ସେଣ୍ଡାଇ ଫ୍ରେମୱାର୍କ ଫର ଡିଜାଷ୍ଟର ରିସ୍କନ ଅଧୀନରେ ମୂଳ ପ୍ରତିବଦ୍ଧତା ସହିତ ଏହା ସମାନ ବୋଲି ସେ କହିଛନ୍ତି।

‘‘ଗୁଜରାଟରୁ ମିଆଁମାର: ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ’’ ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ଡକ୍ଟର ପି.କେ ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ। ଗତ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଓ ଅଭ୍ୟାସ କିଭଳି ବଦଳିଛି ତାହା ଉପରେ ସେ ଆଲୋଚନା କରିଥିଲେ।



ଡକ୍ଟର ପି.କେ ମିଶ୍ର କହିଥିଲେ ଯେ, ଭାରତରେ ବିପର୍ଯ୍ୟୟ ବିପଦ ପରିଚାଳନାରେ ଅନେକ ପରିବର୍ତ୍ତନ ଘଟିଛି। ଡକ୍ଟର ମିଶ୍ର ତାଙ୍କ ଆଲୋଚନାରେ ୧୯୯୯ ମସିହାରେ ଓଡ଼ିଶା ମହାବାତ୍ୟା, ୨୦୦୧ ମସିହାରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ ମସିହାରେ ଭାରତ ମହାସାଗର ସୁନାମି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏସବୁ ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା ବୋଲି ସେ କହିଥିଲେ। ଡକ୍ଟର ମିଶ୍ର ଆହୁରି କହିଥିଲେ, ୧୯୯୩ର ଲାଟୁର ଭୂମିକମ୍ପ ଏବଂ ୨୦୦୫ର କାଶ୍ମୀର ଭୂମିକମ୍ପ ଭଳି ଅନ୍ୟାନ୍ୟ ଘଟଣା ମଧ୍ୟ ଘଟିଥିଲା। ଏହାବ୍ୟତୀତ, ଅନ୍ତର୍ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦଶନ୍ଧି (ଆଇଡିଏନଡିଆର) ୧୯୯୦-୧୯୯୯, ହ୍ୟଗୋ ଫ୍ରେମୱାର୍କ ଫର୍ ଆକ୍ସନ୍ (ଏଚଏଫଏ) ୨୦୦୦-୨୦୧୫ ଏବଂ ସେଣ୍ଡାଇ ଫ୍ରେମୱାର୍କ ୨୦୧୫-୨୦୩୦ ଭଳି ବିଶ୍ୱସ୍ତରୀୟ ନୀତି ପ୍ରକ୍ରିୟା ଆମର ଚିନ୍ତାଧାରା ଏବଂ ଅଭ୍ୟାସକୁ ବହୁଳ ଭାବରେ ପ୍ରଭାବିତ କରିଥିଲା ବୋଲି ସେ କହିଥିଲେ।

ଆଜି ଭାରତର ବିପର୍ଯ୍ୟୟ ପ୍ରଶମନ ବିକାଶ ଏକ ପଦ୍ଧତିଗତ ଏବଂ ସମନ୍ୱିତ ପଦ୍ଧତିକୁ ପ୍ରତିଫଳିତ କରେ। ପ୍ରଯୁକ୍ତିବିଦ୍ୟା, ସାଂସ୍ଥାଗତ କ୍ଷମତା, ଜନସାଧାରଣଙ୍କ ସମ୍ପୃକ୍ତି ଏବଂ ସାମାଜିକ ସୁରକ୍ଷା ଏଥିରେ ସାମିଲ ରହିଛି। ଏହି ସଫଳତାଗୁଡ଼ିକ ଭାରତକୁ କେବଳ ଏକ ଆଞ୍ଚଳିକ ନେତା ଭାବରେ ନୁହେଁ ବରଂ ବିପର୍ଯ୍ୟୟ ବିପଦ ପରିଚାଳନାରେ ଏକ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ମଡେଲ ଭାବରେ ସ୍ଥାନିତ କରେ।

ଡକ୍ଟର ପି.କେ. ମିଶ୍ର ଆହୁରି କହିଥିଲେ, ଜଳବାୟୁ ପରିବର୍ତ୍ତନ, ଭୂ-ରାଜନୈତିକ ବିକାଶ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଉପୁଜୁଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥାର ଗତିଶୀଳତା ରହିବା ଆବଶ୍ୟକ। ଆମକୁ ଏକ ସକ୍ରିୟ, ପୁନରାବୃତ୍ତିମୂଳକ ଏବଂ ଅଭ୍ୟାସ-ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ ଯେଉଁଠାରେ ପ୍ରତ୍ୟେକ ସଂସ୍କାର ଅନ୍ୟ ଗୋଟିଏକୁ ମଜବୁତ କରିବ। ଏଠାରେ ଯେପରି ସମସ୍ତ ଉପାଦାନ ସମ୍ବଳ, ସୁରକ୍ଷା ଏବଂ ସୁଯୋଗ ପାଇଁ ଲୋକଙ୍କ ପ୍ରବେଶକୁ ଉନ୍ନତ କରିବା ପାଇଁ ଏକତ୍ରିତ ହେବ ବୋଲି ସେ କହିଥିଲେ।

## ସଡ଼କ ଦୁର୍ଘଟଣା

ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି। ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି। ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି। ସଡକ ଦୁର୍ଘଟଣାର ଅନେକ କାରଣ ରହିଛି। ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି। ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି। ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ି ଯାଉଛି। ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ସହର ଭିତରେ ବି ଏହାର ଅଭାବ ରହିଛି। ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ। ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି। ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ। ଏହାକୁ ବି ଯାଞ୍ଚ କରାଯାଉନି। ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ। କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି। ନିକଟରେ ବାଙ୍କୀ ନିକଟରେ ମହାନଦୀ ବ୍ରିଜ ଉପରେ ଏଭଳି ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୬୦ଜଣଙ୍କ ଜୀବନ ଅଳ୍ପକେ ବଂଚି ଯାଇଛି। ସମ୍ପୃକ୍ତ ବସର ଫିଟନେସ ନଥିଲା। ଡ୍ରାଇଭର ମଧ୍ୟ ଅତି ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ଏଥିପାଇଁ କିଏ ଦାୟୀ ? ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ। ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି। ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି। ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲୋକ ବ୍ୟବସ୍ଥା ରହିବା ଉଚିତ। ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ। ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ। କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଥିଲେ। ଅନେକ ସମୟରେ ଘାଟୀ ରାସ୍ତାରେ ଦୁର୍ଘଟଣା ହେଉଛି। ବର୍ଷା ଦିନେ ଗାଡ଼ି ସ୍ଲିପ କରିବା ହେତୁ ଅନେକ ସମୟରେ ଏହି ଦୁର୍ଘଟଣା ହେଉଛି। ଘାଟୀରେ ଗାଡ଼ି ଚଳାଇବାର ଅଭିଜ୍ଞତା ନଥିଲେ ମଧ୍ୟ ଏଭଳି ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ନିହାତି ଆବଶ୍ୟକତା ନଥିଲେ ରାତିରେ ଗାଡ଼ି ଚାଳନାକୁ ବାରଣ କରାଯିବା ଉଚିତ। ସେହିପରି ସହରାଞ୍ଚଳରେ ଅନେକ ଛାତ୍ର-ଯୁବକ ବେପରୁଆ ଭାବେ ଅତି ଦ୍ରୁତ ଗତିରେ ବାଇକ ଚଳାଇବାଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଅନେକ ପରିବାର ଉଚ୍ଛନ୍ନ ହୋଇଯାଉଛି।

## କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

"*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।*"

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥେରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

## ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ଼, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି ? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି ? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ୍ୟ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି। ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲା ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି ? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ୍ୟ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ୍ୟ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'।

ଦୂରଭାଷ : ୯୬୯୨୯୮୦୦୨୬

## ଦାସିଆ ଅଜାଙ୍କ ଜନ୍ମ ଜୟନ୍ତୀ ପାଳିତ

ନୂଆଗାଁ (ମହାଭାରତ) : ଓଡ଼ିଶା ଐତିହାସିକ ପାଠାଗାର ସଂଗ୍ରହାଳୟ ଆନ୍ଦୋଳନ ର ପ୍ରତିଷ୍ଠାତା ପ୍ରଖ୍ୟାତ ସଂଗ୍ରାହକ,ସାରସ୍ଵତ ସାଧକ ଦାଶରଥି ପଟ୍ଟନାୟକ( ଦାସିଆ ଅଜା)ଙ୍କ ୧୧୮ ତମ ଜୟନ୍ତୀ ଦାସିଆ ଅଜାଙ୍କ ପୀଠ ନୂଆଗାଁ ବ୍ଲକ୍ ଉଦୟପୁର ଠାରେ ପ୍ରତିଷ୍ଠିତ ପାଠାଗାର ସଂଗ୍ରହାଳୟ ପରିସରରେ ଦାସିଆ ଅଜାଙ୍କ ନାତି ତଥା ଅନୁଷ୍ଠାନ ର ସମ୍ପାଦକ ଦୀପକ ପଟ୍ଟନାୟକଙ୍କ ତତ୍ତ୍ଵାବଧାନରେ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି। ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ପୁଷ୍ପ ,ଧୂପ , ଗଙ୍ଗାଜଳ, ମାଲ୍ୟାର୍ପଣ ସହିତ , ପ୍ରାର୍ଥନା ସଭା,ଭାଗବତ , ଗୀତାପାଠ, ନାମ ସଂକୀର୍ତ୍ତନ,ଭଜନ ଜଣାଣ,ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦ୍ଵାରା ଦାସିଆ ଅଜା ଓ ସହ ଧର୍ମିଣି ପୌର୍ଣ୍ଣ ମାସି ଦେବୀ ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରଯାଇଥିଲା। ଦାସିଆ ଅଜା ଆମର ରହେ ଓ ଦାସିଆ ଅଜା କୋଟି ପ୍ରଣାମ ଘେନ ସ୍ଲୋଗାନ ରେ ଅନୁଷ୍ଠାନ ପରିବେଶ ପ୍ରକମ୍ପିତ ହୋଇଥଲା। ଦାସିଆ ଅଜାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ପାଇଁ ଦାସିଆ ଅଜାଙ୍କ ସାଧନା ପୀଠ ରେ ଦିନ ତମାମ ଜନ ଗହଳି ଲାଗିରହିଥିଲା।ସେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର,୧୯୭୩ ମସିହାରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ ମସିହାରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ।୧୯୯୭ ମସିହା ସେପଟ୍ଟେମ୍ବର ୧୨ ତାରିଖରେ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥଲେ। ଦାସିଆ ଅଜାଙ୍କ ଜୟନ୍ତୀ ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ,ପ୍ରଭାତୀ ପରିଡ଼ା ,ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ,ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀ ମାନେ ଟୁଇଟ୍ ଯୋଗେ ଦାସିଆ ଅଜାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ।

## ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଫଳକ ଭଙ୍ଗା ରାଜନୀତି

ଦଶପଲ୍ଲା,୧୨/୦୭(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକର ତିନୋଟି ପଞ୍ଚାୟତ ରେ ଥିବା ସମବାୟ ସମିତି ର ନୂତନ ଗୃହ ର ଶୁଭ ଉଦଘାଟନ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଙ୍କ ଦ୍ଵାରା ଉଦଘାଟନ ହେବାକୁ ଥିଲା। କିନ୍ତୁ ଉଦଘାଟନ ପୂର୍ବରୁ ପ୍ରତ୍ୟେକ ସମିତି ରେ ତିଆରି ହୋଇଥିବା ଉଦଘାଟନ ଫଳକ କୁ ଦୁର୍ବୃତ୍ତ ଙ୍କ ଦ୍ଵାରା ଭଂଗାଯାଇଥିଲା। ତେବେ ମଧଖଣ୍ଡ, ଡିହଗାଁ ଓ ଖମାରସାହି ରେ ଫଳକ କୁ ପୁନଃ ନିର୍ମାଣ ହୋଇ ଉଦଘାଟନ କରାଯାଇଥିଲା। ତେବେ ଫଳକ ଭାଙ୍ଗିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହା ଏକ ହୀନ ମାନସିକତା ବୋଲି ସମସ୍ତେ ମତ ରଖିଛନ୍ତି। ଫଳକ ଭଙ୍ଗା ପ୍ରଶ୍ନ ର ଉତ୍ତର ରେ' ଭଗବାନ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ 'ବୋଲି ସାଂସଦ ମହୋଦୟ ଏହି ସୁନ୍ଦର ଉତ୍ତର ଦେଇଥିଲେ। ଦୁର୍ବୃତ୍ତ ଙ୍କ ଏଭଳି କାଣ୍ଡ ପୋଲିସ ର ନିଷ୍କ୍ରିୟତା କୁ ମଧ ଦର୍ଶାଉଛି ବୋଲି ଆଲୋଚନା ହେଉଛି। ଦେଖାଯାଉ କେବେ ଏ ସବୁ ସମସ୍ୟା ର ସମାଧାନ ହେଉଛି ?

## ତିନୋଟି ସମବାୟ ସମିତି ଗୃହର ଭିତ୍ତି ପ୍ରସ୍ତର ଉଦଘାଟନ



ଦଶପଲ୍ଲା,୧୨/୦୭(ମହାଭାରତ) ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ର ମଧ୍ୟଖଣ୍ଡ, ଡିହଗାଁ, ଖମାରସାହି ସ୍ଥିତ ସମବାୟ ସମିତି ର ନୂତନ ଗୃହ ର ଶୁଭ ଉଦଘାଟନ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏ ସମୟରେ ସମବାୟ ସମିତି ର ମୁଖ୍ୟ ଅନନ୍ତ କୁମାର ନାୟକ, ସାସଂଦ ଙ୍କ ପ୍ରତିନିଧିଙ୍କ ସହିତ ବରିଷ୍ଠ ବିଜେପି କର୍ମୀ ମାନେ ଉପସ୍ଥିତ ଥିଲେ।କୃଷି ଓ କୃଷକ ଙ୍କ ମଧ୍ୟରେ ସମନ୍ଵୟ ରଖିବାକୁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। କୃଷକ ପ୍ରଧାନ ଦେଶ ରେ କୃଷକ ର ମେରୁଦଣ୍ଡ ଦୃଢ଼ୀଭୂତ କରିବା କେନ୍ଦ୍ର ସରକାର ତଥା ମୋଦି ସରକାର ପ୍ରାଥମିକତାଦେଇ ଆସିଛନ୍ତି।ତେବେ ଏ ତିନୋଟି ପଂଚାୟତ ର ସମିତି ଗୃହ ପାଇଁ ତିରିଶ ଲକ୍ଷ୍ୟ ରୁ ଉର୍ଦ୍ଧ ଲେଖାଏଁ ଟଙ୍କା ଗୃହୀତ ହୋଇଛି। ଏ ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୂଚନା ମୁତାବକ ବାଘମାରୀ ଠାରୁ ଗଣିଆ ପର୍ଯ୍ୟନ୍ତ ରାସ୍ତା ର ଉନ୍ନତି କରଣ ପାଇଁ ସାଂସଦ ମହୋଦୟ ୬ କୋଟି ରୁ ଉର୍ଦ୍ଧ ଟଙ୍କା ର କାର୍ଯ୍ୟ ନିମନ୍ତେ ଶୁଭ ଉଦଘାଟନ କରିଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣରେ ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ଆସିକା ଏନଏସି

ଆସିକା:-୧୨/୦୭- ଭାରତ ସରକାରଙ୍କ ନଗର ଉନ୍ନୟନ ଓ ଗୃହ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ(୨୦୨୪-୨୦୨୫) ଅଧୀନରେ ସ୍ୱଚ୍ଛ ସର୍ବେକ୍ଷଣ ରେ ସୁପର ସ୍ୱଚ୍ଛ ଲିଗ୍ ସହର ରୂପେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର ହାସଲ କରିଛି କ୍ଷ ଏଥି ସକାଶେ ଆସିକା ଏନ ଏ ସି କୁ ଆସନ୍ତା ୧୭/୦୭/୨୦୨୫ ରିଖ ଦିନ ବିଜ୍ଞାନ ଭବନ ନୂଆ ଦିଲ୍ଲୀ ଠାରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ପାଇବା ପାଇଁ ଚୂଡାନ୍ତ ହୋଇଛି କ୍ଷ ଏଣୁ ସମସ୍ତ ସ୍ୱଚ୍ଛ କର୍ମୀ ଯଥା ,କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ,ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ସାନିଷ୍ଟେସନ ନିରୀକ୍ଷକ ଅଜିତ କୁମାର ପଟ୍ଟନାୟକ,ସାନିଟାରୀ ଏକ୍ସପାର୍ଟ ଦୀପ୍ତିମଇ ସାହୁ,, ଅଣୁ ଜୈବ କେନ୍ଦ୍ର, , ସ୍ୱଚ୍ଛ ସାଥୀ ଓ ସମସ୍ତ ସଫେଇ କର୍ମଚାରୀ ତଥା ଆସିକା ଜନସାଧାରଣ ଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ପୁରସ୍କାର ର ଶ୍ରେୟ ଏହି କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅଧକ୍ଷା ବିନେତା ସ୍ୱାଇଁ ପ୍ରକାଶ କରିଛନ୍ତି କ୍ଷ

## ବଜ୍ରାଘାତରେ ବୟସ୍କା ବୃଦ୍ଧା ଙ୍କ ମୃତ୍ୟୁ

କାକଟପୁର୧୨/୭ମହାଭାରତ: ପୁରୀଜିଲ୍ଲା କାକଟପୁର ଥାନା ଅଧିନସ୍ଥ ନାସିକେଶ୍ଵର ପଞ୍ଚାୟତର ସାହୁବୁଦା ଗ୍ରାମରେ ଆଜି ଅପରାହ୍ନରେ ବଜ୍ରାଘାତ ଘଟି ଜଣେ ବୟସ୍କା ମହିଳାଙ୍କର ମୃତ୍ୟୁ ଘଟିଛି କ୍ଷ ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର କାମିନୀ ସ୍ୱାଇଁ,ବୟସ (୬୦) କ୍ଷ କାମିନୀ ବିଲକୁ ଗାଈ ଆଣିବାକୁ ଯାଇଥିବାବେଳେ ବଜ୍ରାଘାତ ହୋଇଥିଲା କ୍ଷ ଖବର ପାଇ ପରିବାର ଲୋକେ କାମିନୀଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ କ୍ଷ ଏ ସଂକ୍ରାନ୍ତ ରେ ବାଙ୍ଗୁରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ଶାନ୍ତି ଭୂଷଣ ଜେନା କହିଛନ୍ତି ଯେ ଚିକିତ୍ସା ପାଇଁ ଆସିଥିଲେ ମାତ୍ର ତାଙ୍କ ର ମୃତ୍ୟୁ ହୋଇଯାଇଥିଲା, କାକଟପୁର ପୋଲିସ କୁ ଖବର ଦିଆଯାଇ ମହିଳା ଙ୍କର ଶବ ବ୍ୟବଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଯିବ, ଅନ୍ୟ ପଟରେ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଙ୍କ ତରଫରୁ ଦାବୀ କରାଯାଇଛି।

# ମନରେଗା ସାଜିବକି ଲୁଣ୍ଠନର ଅମରାବତୀ ?

ଜୁନାଗଡ଼, ୧୨/୭.(ମହାଭାରତ):ଗ୍ରାମାଞ୍ଚଳରେ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ସହ ଶ୍ରମିକ ମାନଙ୍କୁ ଶ୍ରମ ନିଯୁକ୍ତି ଯୋଗେଇ ଦେବାର ଯୁଗାନ୍ତକାରୀ ଯୋଜନା ମନରେଗା।ହେଲେ ଏହା ସମ୍ପ୍ରତି ଶ୍ରମିକ ମାନଙ୍କୁ ଡାକକରି ଲୁଣ୍ଠନର ଅମରାବତୀ ପାଲଟିଥିବା ବାଟେଘାଟେ ଚର୍ଚ୍ଚା ହୁଏ । କୁଆଡେ ବାଇଶି ପ୍ରତିଶତର ମିରିଗି ନାଟରେ ଅଣ୍ଡାଳି ହେଉଛି ଯୋଜନା।ମାତ୍ର କେଇଜଣ ଅବଲକେରା କୁ ଫଟୋ ଉଠାଇ ବିଭାଗୀୟ ଶ୍ରୀଖଣ୍ଡି ମାନେ ଲୁଣ୍ଠନର ଡ୍ରାମାରେ ମସଗୁଲ। ଝାରବନ୍ଦ, ପାଣି ଗାଁ ଦେଇ ଗୋଲାମୁଣ୍ଡା ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାକୁ ସମସ୍ତେ ଜାଣନ୍ତି। ଫରେଷ୍ଟ କ୍ଲିଆରେନସ୍ ସାଧାରଣ ଲୋକଙ୍କୁ ସହଜେ ଜଣା ପଡ଼ିନାହିଁ।ପାଣି ଗାଁ ଠାରୁ ମାକରଶୋଲା ରାସ୍ତା ଗହନ କଥା, କେତେ ଜାଣିବେ ମୁଣ୍ଡକୁ ଲାଗିବ ବ୍ୟଥା । ଜୁନାଗଡ଼ ପଞ୍ଚାୟତ ସମିତି ଅଧୀନ ଚିଙ୍ଗୁଡ଼ିଶର ଗ୍ରାମ ପଞ୍ଚାୟତର ପାଣି ଗାଁ ଠାରୁ ମାକରଶୋଲା ମନରେଗା ରାସ୍ତା ବେନିୟମ ଓ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ବର୍ଷା ଦିନେ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି ପଥାଚାରୀ। ନିର୍ମାଣଧିନ ଏହି ପ୍ରକଳ୍ପ ମନରେଗା ଯୋଜନାରେ ନିର୍ମାଣ ହେଉଥିବା ଜଣାଯାଏ। ନାରେଗା ଯୋଜନା ଗରିବ ନିରୀହ ଲୋକଙ୍କ ପେଟ ପାଟଣା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅନ୍ୟତମ ଏକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ। ସଂପୃକ୍ତ ଏହି ରାସ୍ତା ଆର୍ଥିକ ବର୍ଷ ୨୦୨୫/୨୬ ରେ ଡିଫିକଲ୍ଟ ଭିଲେଜ୍ ରୋଡ ପାଣି ଗାଁ ଠାରୁ ମାକରଶୋଲା ନାରେଗା ରାସ୍ତା ଜୁନାଗଡ଼ ବ୍ଲକ ଅଧୀନରେ ଶ୍ରମିକ ମାଟି ବୋହି ନିର୍ମାଣ କରାଯିବା ନିୟମ ରହିଥିବା ବେଳେ,ବିନା ସୂଚନା ଫଳକରେ , ବିନା, ଡିମାଣ୍ଡରେ , ବିନା ମାଷ୍ଟର ରୋଲରେ ଜେସିବି ଓ ଟ୍ରାକ୍ଟର ସାହଯ୍ୟରେ ୧୦ ଲକ୍ଷ ଟଙ୍କାକୁ ଆତ୍ମସାଥ କରିବା ଉଦ୍ୟମ କରି ରାସ୍ତାକୁ କାର୍ଯ୍ୟକୁ ସମାପ୍ତ କରିବାରେ ଗ୍ରାମ ରୋଜଗାର ସେବକଙ୍କ ମୁଖ୍ୟ ଭୂମିକା ରହିଥିବା ଚର୍ଚ୍ଚା ହୁଏ। ସମ୍ପ୍ରତି ମନରେଗା ଯୋଜନାକୁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଶ୍ରମିକ ସାହାଯ୍ୟରେ କାର୍ଯ୍ୟ କରାଯିବା ଧାର୍ଯ୍ୟ ଥିଲେ ହେଁ, ସରକାରଙ୍କ ନିୟମକୁ ଖୁଲାମ ଖୋଲା ଉଲ୍ଲଂଘନ କରି ନାରେଗାରେ ଠିକାଦାର ପ୍ରୀତି,ଏହି କାମକୁ ଠିକାଦାର ଲଗାଇ ପିଶି କାରବାର ପାଇଁ ବ୍ୟସ୍ତ ରହୁଥିବା ଜିଆରଏସ ମହାଶୟ କୋଣ ଅନୁକୋଣରେ ଚର୍ଚ୍ଚା ହୁଏ। ଏହି ଯୋଜନା କାର୍ଯ୍ୟ ଆରମ୍ଭ ପୂର୍ବରୁ ସୁଚନା ଫଳକ ନିର୍ମାଣ କରି ଫଳକରେ ସୂଚନା ଦେଇ, ଶ୍ରମିକଙ୍କ ଡିମାଣ୍ଡ ଓ ମାଷ୍ଟର ରୋଲ ତିଆରି କରି କାର୍ଯ୍ୟ କରିବା ଧାର୍ଯ୍ୟ ହୋଇଥିବା ବେଳେ, ଫଳକରେ ସୂଚନା ନାହିଁ, ରାସ୍ତାରେ ମାଟି ମୁଠାଏ ନାହିଁ ଖାଲି ଟ୍ରାକ୍ଟରରେ ମୁରୁମ୍ ଆଣିକି ଛିଞ୍ଚି ଦେଇ ହରିବୋଲ କରିବା ଜଣାଯାଏ।ଏହି କାମର ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ମୂଳନିବାସୀ ବହୁଜନ ମିଳିତ ମହାସଂଘର ଭବାନୀପାଟଣା ବ୍ଲକ ଓ ମୁନ୍ସିପାଲଟି ସ୍ତରୀୟ ବୈଠକ ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ ଭବାନୀପାଟଣା, ୧୨-୭( ଭବାନୀପାଟଣା)- କଳାହାଣ୍ଡି ଜିଲ୍ଲାରେ ୯୫ ପ୍ରତିଶତ ଦଳିତ, ଆଦିବାସୀ, ପଛୁଆ ବର୍ଗର ଲୋକ ବସବାସ କରୁଥିଲେ ମଧ ଏହି ବିଶାଳ ସମୁଦାୟକୁ ଆଜି ପର୍ଯ୍ୟନ୍ତ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ମିଳି ପାରିନାହିଁ। ମନୁବାଦୀ ବ୍ୟବସ୍ଥା ଜନିତ ଜାତିଗତ ଏକତାର ଅଭାବ, ଜାତି-ଜାତି ଭିତରେ ଥିବା ଅସହିଷ୍ଣୁ ଓ ଅସୂୟା ମନୋଭାବ ହିଁ ଏହାର ମୁଖ୍ୟ କାରଣ ଅଟେ। ଅନ୍ୟପକ୍ଷରେ ନିଜ ନିଜ ମଧ୍ୟରେ ଏପରିକି ବିଭିନ୍ନ ସ୍ତରରେ ନିର୍ଯାତନା ଓ ଅନ୍ୟାୟର ଶିକାର ହେଉଥିବା ସତ୍ତ୍ୱେ ବହୁଜନ ସମାଜ ଏହାକୁ ମିଳିତ ଭାବେ ମୁକାବିଲା ନକରି ଏକଲା ଏକଲା ଲଢୁଥିବାରୁ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଘରେ ନିଆଁ ଲାଗିଛି, ସମସ୍ତେ ମିଳିମିଶି ନିଆଁ ଲିଭାଇବାକୁ ହେବ। ଅନ୍ୟଥା ଘର ଜଳି ଧୂଳିସାତ ହୋଇଯିବ। ଏଣୁ ଆଗାମୀ ଦିନରେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଜନସାଧାରଣ ବିଗତ ଦିନର ସମସ୍ତ ଭୁଲଭଟକାକୁ ଭୁଲିଯାଇ ଏକାଠି ହେବାକୁ ପଡ଼ିବ। ସାମ୍ବିଧାନିକ ହକ ଓ ଅଧିକାର ଉପରେ ଲଢ଼େଇ କରି ଏ ମାଟିର ଶାସକ ବର୍ଗ ହେବା ହିଁ ଏହି ମହାସଂଘର ମୂଳ ଉଦ୍ଦେଶ୍ୟ ବୋଲି ମୂଳନିବାସୀ ବହୁଜନ ମିଳିତ ମହାସଂଘର ଭବାନୀପାଟଣା ବ୍ଲକ ଓ ମୁନ୍ସିପାଲଟି ଶାଖାର ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶେଷ କରି ପଛୁଆ ବର୍ଗକୁ ଶିକ୍ଷା, ନିଯୁକ୍ତି ଓ ରାଜନୀତିରେ ଜନସଂଖ୍ୟା ଅନୁସାରେ ୫୪% ସଂରକ୍ଷଣ ନଦେବା, ଦଳିତ ନିର୍ଯାତନା ରୋକିବା, ଆଦିବାସୀ ମାନଙ୍କୁ ଭୂମି ଅଧିକାରରୁ ବଂଚିତ କରିବା ଭଳି ଅନେକ ଅନ୍ୟାୟର ଶିକାର ହେଉଛି ଏହି ସମାଜ ସମୂହ। ତେଣୁ ଏହାକୁ ଗୋଟେ ଜାତି ନୁହେଁ ତିନୋଟି ବର୍ଗର ଲୋକ ମିଳିତ ଭାବେ ଲଢ଼ିବାର ସମୟ ଆସିଯାଇଛି ବୋଲି ବକ୍ତାମାନେ ମତ ରଖିଥିଲେ।ଆଜି ସ୍ଥାନୀୟ ଅମଲା ଭବନରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘର ଜିଲ୍ଲା ସଭାପତି ଶ୍ରୀ ସଚ୍ଚିଦାନନ୍ଦ ମହାକୁଡ଼ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ମହାସଂଘ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଭାବେ ମହାସଂଘ ର ଜିଲ୍ଲା କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଜିଲ୍ଲା ସାଧାରଣ ସମ୍ପାଦକ କୀର୍ତ୍ତନ ଯାଦବ, ଜିଲ୍ଲା ଯୁବ ସଭାପତି ତାକେଶ୍ୱର ଲହଜଲ, ,ସରପଞ୍ଚ ଦିଗାମ୍ବର ଲୁହା,ଉପଦେଷ୍ଟା ଆଇନଜୀବୀ ଛବିଲାଲ ନିଆଲ, ରାଜ୍ୟ ମହିଳା ସଭାନେତ୍ରୀ ଏସ. ସୁଜାତା, ସମ୍ପାଦକ ସତ୍ୟ ମାହାର, ଜୟପ୍ରକାଶ ଜାଲ, ରମଣୀ ଦୁରିଆ,ସେନାପତି ନାଏକ, ସ୍ନେହଲତା ଦୁର୍ଗା, ସଞ୍ଜୟ ସୁନାନୀ, ରାଜକିଶୋର, ଅଗଷ୍ଟ ନାଏକ, ଢଗ ମାଲି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାସଂଘର ଭବାନୀପାଟଣା ବ୍ଲକ ସ୍ତରୀୟ କମିଟି ଘୋଷଣା କରାଯାଇଥିଲା। ସର୍ବସମ୍ମତି କ୍ରମେ ଭବାନୀପାଟଣା ବ୍ଲକ ସଭାପତି ଭାବେ ସମାଜସେବୀ ହୃଷିକେଶ ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ବିଜୟ ମାଝୀ, ସମ୍ପାଦକ- ବିଜୟ ଦୀପ, ମୁନ୍ସିପାଲଟି ସଭାପତି ଭାବେ ଦିନେଶ ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ - ବିକାଶ ପ୍ରଧାନ, ଉପ ସଭାପତି ସେନାପତି ନାଏକ, ଦୁର୍ଜନ ବାଗ, ଛାତ୍ର ସଭାପତି - ଆଶିଷ କୁମାର ଯାନୀ ଆଦି ମନୋନୀତ ହୋଇଥିଲେ.ଅନ୍ୟ ମାନଙ୍କ ମଧ୍ୟରେ ସୁଦର୍ଶନ ଦଣ୍ଡସେନା,ଦେବାର୍ଚ୍ଚନ ମାଝୀ,ନୀଳାମ୍ବର ସାହୁ, ଦିବାକର ଦୁର୍ଗା, ସନ୍ତୋଷ ପ୍ରଧାନ,ରୁକଧର ମାଝୀ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ କ୍ଷ

## ମା' ଉଗ୍ରତାରାଙ୍କ ଦର୍ଶନ କଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦିନିକିଆ ଟାଙ୍ଗୀ ଗସ୍ତରେ ଆସି ଓଡିଶାର ପ୍ରସିଦ୍ଧ ତନ୍ତ୍ର ପୀଠ ଭାବେ ଜଣାଶୁଣା ମା' ଉଗ୍ରତାରା ଦେବୀଙ୍କ ପୀଠରେ ପହଁଚି ମା' ଙ୍କୁ ଦର୍ଶନ କରିଛନ୍ତି । ଏହା ସହ ସାଂସଦ ସେବାୟତ ମାନଙ୍କ ସହ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସାଂସଦଙ୍କ ସହ ବିଜେପି ନେତା ବିଶ୍ୱଜିତ ସ୍ୱାଇଁ, ଓଡିଶା ପ୍ୟାକ୍ସ ଓ ଲ୍ୟାମ୍ପସ କର୍ମଚାରୀ ସଙ୍ଘର ସଭାପତି ରଞ୍ଜନ ମଙ୍ଗରାଜ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ ପ୍ରମୁଖ ଉପସ୍ଥିତ ଥିଲେ



## ବନବିଭାଗ ଦ୍ୱାରା ୩ ଶିକାରୀ ଗିରଫ ୧ ଫେରାର

କପ୍ତିପଦା, (ମହାଭାରତ): କପ୍ତିପଦା - ଶିକାର ପାଇଁ ଜଙ୍ଗଲ ଭିତରକୁ ଯାଇଥିଲେ ଶିକାରୀ, ହେଲେ ପଡିଲେ ବନ ବିଭାଗ ହାବୁଡ଼ରେ। ଖସିଗଲା ଜଣେ ଗିରଫ ହେଲେ ୩ ଶିକାରୀ। କପ୍ତିପଦା ବନ ବିଭାଗ ସହିତ ଏସଟିଆରଏଫ ଟିମ ମିଳିତ ଭାବେ ଚଢ଼ାଉ କରି ଶିମିଳିପାଳ ର ବଫର ଅଞ୍ଚଳ ନୋଟ ବିଟରୁ ୩ ଜଣ ଶିକାରୀଙ୍କୁ ବନ୍ଧୁକ ସହିତ ଗିରଫ କରିଛି। ପେଟ୍ରୋଲିଙ୍ଗ ସମୟରେ ୪ ଜଣ ଶିକାରୀ ଶିକାର ନିମନ୍ତେ ଯାଇଥିବା ଅବସ୍ଥାରେ ବନ ବିଭାଗ ହାବୁଡ଼ରେ ପଡ଼ିଥିଲେ। ହେଲେ ଘଟଣାସ୍ଥଳରୁ ଜଣେ ଶିକାରୀ ଚମ୍ପଟ ମାରିଥିବା ବେଳେ ଅନ୍ୟ ୩ ଜଣ ଶିକାରୀ କୁ ବିଭାଗ ଗିରଫ କରିଥିଲା। ଗିରଫ ଶିକାରୀ ମାନେ ହେଲେ ଜଗନ୍ନାଥ ନାୟକ, ବୁଦ୍ଧିରାମ ସିଂ ଓ କୁଅଁର ମୁର୍ମୁ। ଏହି ଶିକାରୀଙ୍କ ନିକଟରୁ ୩ ଗୋଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହା ସହିତ ୬ ଗୋଟି ଗୁଳି ମଧ ଜବତ କରାଯାଇଛି।ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କପ୍ତିପଦା ବନ ବିଭାଗ ସହିତ ଏସ ଟି ଆର ଏଫ ଟିମ ମିଳିତ ଚଢ଼ାଉରେ ନୋଟୋ ସଂରକ୍ଷିତ ଶିମିଳିପାଳ ଅଭୟାରଣ୍ୟ ଭିତରୁ ୪ ଜଣ ଶିକାରୀ ସଜବାଜ ହୋଇ ଶିକାର କରିବା ଉଦେଶ୍ୟରେ ଜଙ୍ଗଲ ଭିତରକୁ ପଶୁଥିବା ସମୟରେ ବନ ବିଭାଗ ହାବୁଡ଼ରେ ପଡ଼ିଥିଲେ । ଏହି ଚଢ଼ାଉରେ କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ଙ୍କ ନେତୃତ୍ୱରେ କପ୍ତିପଦା ବନପାଳ ଲକ୍ଷ୍ମୀକାନ୍ତ ବେହେରା, ନୋଟୋ ବନପାଳ ଆପାରାମ ସୋରେନ, ଶରତ ଫୋରେଷ୍ଟ ଗାର୍ଡ ଅଶୋକ ନାୟକ, ଶାଣଦେଇ ଫୋରେଷ୍ଟଗାର୍ଡ ସାଧବ ସିଂ ଏହି ଚଢ଼ାଉରେ ସାମିଲ ଥିଲେ । ଅଭିଯୁକ୍ତ ମାନଙ୍କୁ କପ୍ତିପଦା ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ତଦନ୍ତ କରି ବନ୍ଧୁକ ସହିତ ଶିକାର କରିବାର ଅନ୍ୟାନ୍ୟ ସାମଗ୍ରୀ ଜବଦ କରିବା ସହ ସେମାନଙ୍କୁ ବାରିପଦା କୋର୍ଟ କୁ ଚାଲାଣ କରାଯାଇଛି ।ଏସ ଟି ଆର ଏଫ ଶିମିଳିପାଳ ଟିମର ରେଞ୍ଜର ଅନୁକୂଳ ଚନ୍ଦ୍ର ଜେନା ଓ ତାଙ୍କର ଟିମ ମଧ ଏହି ଚଢ଼ାଉରେ ସାମିଲ ଥିଲେ ।



## ଅବକାରୀ ବିଭାଗ ଓ ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ମଧୁ ଚନ୍ଦ୍ରିକା

ପରଜଙ୍ଗ(ମହାଭାରତ )ପରଜଙ୍ଗ ବ୍ଲକ ଅନ୍ତର୍ଗତ ପାଟରପଦା ପଞ୍ଚାୟତରେ ଖୁଲମ ଖୁଲା ଦେଶୀ ବିଦେଶୀ ମଦ ବିକ୍ରି ଚଳାଇଥିବାର ଖବର ମିଳିଛି। ପାଟରପଦା, ପାଟର ପଦା ନୂଆ ସାହିର, ସାନ କମର, ବଡ଼ କମର ଏବଂ ମେଣ୍ଢାପଦା ସ୍ଥାନ ଗୁଡିକରେ ବିଷାକ୍ତ ଦେଶୀ ଓ ବିଦେଶୀ ମଦ ଖୁଲମ ଖୋଲା ବିକ୍ରି ହେଉଛି। ଚା ପାନ ଦୋକାନ ହୋଟେଲ ଢ଼ାବା ଓ ତେଜରାତି ଦୋକାନ ଠାରୁ ଆରମ୍ଭ କରି ଘରେ ଘରେ ମହିଳା ମାନେ ମଧ ବିଷାକ୍ତ ମଦ ବ୍ୟାପାରରେ ଲିପ୍ତ ଥିବା ଜଣା ଯାଇଛି। ଏହି ମଦ ବ୍ୟାପାରୀଙ୍କ ଅବକାରୀ ବିଭାଗର କେତେକ କର୍ମଚାରୀଙ୍କ ସହିତ ମଧୁ ଚନ୍ଦ୍ରିକା ଥିବା ଯୋଗୁଁ ସେମାନେ ଏପରି ଖୁଲାମ ଖୋଲା ବିକ୍ରି କରୁଥିବା ସୂଚନା ମିଳିଛି ଯାହାକୁ ନେଇ ପ୍ରଶ୍ନବାଚୀ ହେଇଛି। ବିଷାକ୍ତ ମଦ ପିଇ ପ୍ରାଣ ହାନି ଘଟି କେତେ ଯେ ପରିବାର ଛାରଖାର ହୋଇଛି ତାହା ଖୋଦ୍ ସମସ୍ତେ ଅବଗତ। ସ୍ଥାନୀୟ ଅଞ୍ଚଳ ବାସୀ ଏହି ବିଷାକ୍ତ ମଦ ବିକ୍ରି କୁ ବନ୍ଦ କରିବାପାଇଁ ପରଜଙ୍ଗ ଅବକାରୀ ବିଭାଗୀୟ ଅଧିକାରୀ ବାସନ୍ତୀ ବାଙ୍କୀଲି ଙ୍କୁ ମଧ ଜଣାଇଲେ କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ନେଇ ଜିଲ୍ଲା ଅବକାରୀ ବିଭାଗ ପରିଚାଳକ ନିରୀକ୍ଷକ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ଦେଶୀ ଓ ବିଦେଶୀ ମଦ ବନ୍ଦ କରିବା ପାଇଁ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି। ନଚେତ୍ ଆଗାମୀ ଦିନରେ ତୀବ୍ର ଆନ୍ଦୋଳ ହେବ ସେଥିପାଇଁ ଅବକାରୀ ବିଭାଗ ଦାଈ ରହିବେ।

## ନୟାଗଡ଼ ପୌର ପରିଷଦ ଅଧକ୍ଷାଙ୍କ ସହ ଅଧିକାରୀଙ୍କ ବିରୋଧରେ କାଉନସିଲରଙ୍କ ମେଳି

### ପୌର ପରିଷଦ ର ଆୟବ୍ୟୟ ହିସାବ ଦିଅ ନହେଲେ ସମୂହ ଇସ୍ତଫା ଦେବାକୁ କାଉନସିଲର ମାନଙ୍କ ଧମକ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦରେ ବିଚିତ୍ର ସ୍ଥିତି। ପୂର୍ବରୁ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାଉନସିଲର ମାନେ ମେଳି କରିଥିବା ବେଳେ ଏବେ ସେମାନଙ୍କ ଟାର୍ଗେଟରେ ପୌର ପରିଷଦ ର ଅଧକ୍ଷା ନିରୁପମା ଖଟେଇ ରହିଛନ୍ତି। କିଛି ଦିନ ହେଲା କାନସିଲର ମାନେ ଏକାଠି ହୋଇ ଗୋଟିଏ ପରେ ଗୋଟିଏ ବୈଠକ କରୁଥିବା ବେଳେ ପୌରାଧକ୍ଷାଙ୍କୁ ସିଧାସଳଖ ନିଜ ଦାବି ଲିଖିତ ଆକାରରେ ଜଣାଇ ଦେଇଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନନେଲେ ଅସହଯୋଗ ଆନ୍ଦୋଳନ ସହ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପକାଯିବ, ଏମିତିକି ସମୂହ ଇସ୍ତଫା ଦେବାକୁ ମଧ ପଛେଇବୁନି ବୋଲି କାଉନସିଲର ମାନେ ରୋକଠୋକ୍ ଶୁଣାଇ ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଦୁଇ ଦିନ ପୌର ପରିଷଦ ଅଧକ୍ଷ। ଶ୍ରୀମତି ଖଟେଇଙ୍କ କାର୍ଯ୍ୟାଳୟରେ ସମସ୍ତ ୧୬ କାଉନସିଲର ମାନେ ଏକାଠି ହୋଇ ନିଜର ଅସନ୍ତୋଷ ଜାହିର କରିଥିଲେ। ସମ୍ପୂର୍ଣ୍ଣ ପୌର ପରିଷଦଟି ବିଜେଡି ଦଖଲରେ ଥିଲେ ମଧ ଦିନ କୁ ଦିନ କାଉନସିଲର ମାନେ ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଲାଣି। ପ୍ରତ୍ୟେକ ବୈଠକରେ ପୌରାଞ୍ଚଳର ଉନ୍ନତି ପାଇଁ ଗଠନ ହୋଇଥିବା ଏକାଧିକ ବିଭାଗର କମିଟିକୁ ସଚଳ କରିବା ପାଇଁ ଦାବି କରାଯାଉଥିଲେ ମଧ ଏ ଦିଗରେ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଏହା ସହ ସ୍ୱଚ୍ଛ ଭାରତ ମିସନ ସହ ବିଭିନ୍ନ ଯୋଜନାରେ ଆସିଥିବା ଟଙ୍କାର ଆୟବ୍ୟୟ ହିସାବ ବାରମ୍ବାର ମଗାଯାଉଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ବିଭିନ୍ନ ୱାର୍ଡରେ ଅଳିଆ ଆବର୍ଜନା ଉଠୁନଥିବା ବେଳେ ଡ୍ରେନ୍ ସଫେଇ ହେଉନାହିଁ। ସମ୍ପୂର୍ଣ୍ଣ ସହରରେ ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଲାଣି। ପ୍ରାୟ ସମସ୍ତ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ ଗୁଡ଼ିକ ଅଚଳ ହୋଇପଡ଼ିଲାଣି। ଏହାର ସମାଧାନ ପାଇଁ ବାରମ୍ବାର ପୌରାଧକ୍ଷ ଓ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ୱାର୍ଡ ବାସୀଙ୍କ ନିକଟରେ ସେମାନଙ୍କୁ ନିନ୍ଦିତ ହେବାକୁ ପଡୁଛି ବୋଲି କାଉନସିଲର ମାନେ ଅଭିଯୋଗ କରିଛନ୍ତି। ଏଣୁ ସେମାନେ ଏମିତି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କାଉନସିଲର ମାନଙ୍କ ଏମିତି ଚରମବାଣୀ ଶୁଣିବା ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପୌରା ପରିଷଦ ଅଧକ୍ଷା ଶ୍ରୀମତୀ ଖଟେଇ ସେମାନଙ୍କୁ କିଛି ଦିନ ସମୟ ମାଗିଥିବା ଶୁଣିବାକୁ ମିଳିଛି। ମାତ୍ର ପୌର ପରିଷଦରେ ଚାଲିଥିବା ଏହି ହାଇଡ୍ରାମାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହୋଇଛି। ପୂର୍ବରୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସହ କାଉନସିଲର ମାନଙ୍କ ବିବାଦକୁ ନେଇ ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। ବିଲ୍ ନ ପାଇବାରୁ ୨୦ରୁ ଅଧିକ ଠିକାଦାର କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିଲେ। ପ୍ରତ୍ୟେକ ବୈଠକରେ କାଉନସିଲର ମାନେ ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ଅସନ୍ତୋଷ ଝାଡୁଥିଲେ। ବର୍ତ୍ତମାନ କାଉନସିଲର ମାନେ ପୌର ପରିଷଦ ଅଧକ୍ଷାଙ୍କୁ ଘେରିବାକୁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

## ହାତୀ ଆକ୍ରମଣ ରେ ଜଣେ ମୃତ ଜଣେ ଗୁରୁତର

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପାଟଣା ସେକ୍ସନ ଡୁମୁରିଆ ବିଟ୍ ଅନ୍ତର୍ଗତ ପିଛୁଳାବେଡା ଗ୍ରାମ ନିକଟରେ ଗୋଠ ଛଡ଼ା ଦନ୍ତାହାତୀ ଆକ୍ରମଣ ରେ ଜଣେ ମୃତ, ଜଣେ ଗୁରୁତର ହୋଇ ଛନ୍ତି। ସେ ପିଛୁଳାବେଡା ଗ୍ରାମ ନିକଟରେ ଥିବା ନାଳରେ ନୂତନ ପୋଲ ନିର୍ମାଣ ପାଇଁ ମାଟି ସର୍ଭେ କାର୍ଯ୍ୟ କରୁଥିଲେ। ରାତିରେ ଡେରା ମଧ୍ୟରେ ୪ଜଣ ଶୋଇଥିବା ବେଳେ ହାତୀ ଆକ୍ରମଣ କରିଥିଲା। ଡେରା ଛାଡ଼ି ତିନିଜଣ ଦୌଡି ପଳାଇ ଥିବା ବେଳେ ଜଣକୁ ହାତୀ ମାରି ଦେଇଥିବା ଜଣାପଡିଛି। ମୃତକ ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ସୁଆଁପୁର ଗ୍ରାମର ସୁବାଷ ଜେନା ଙ୍କ ପୁଅ ବିରଞ୍ଚି ଜେନା ଆହତ ଜଣକ ହେଉଛନ୍ତି ସେହି ଜିଲ୍ଲା ବଡଚଣା ଥାନା ଅନ୍ତର୍ଗତ କାମ୍ପାଳମଙ୍ଗରାଜପୁର ଗ୍ରାମର ଯୋଗେନ୍ଦ୍ର ବାହାଳିଆ ବୋଲି ଜଣାପଡି ଛି। ଘଟଣାସ୍ଥଳ ରୁ ପାଟଣା ବନପାଳ ନିରଞ୍ଜନ ସେଠୀ ଉଭୟଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଡାକ୍ତର ବିରଞ୍ଚି ଜେନା ଙ୍କୁ ମୃତ ଘୋଷଣା କରିଛନ୍ତି ।ଆହତ ଯୋଗେନ୍ଦ୍ର ଙ୍କ ଚିକିତ୍ସା ଜାରି ରହି ଥିବା ଜଣାପଡି ଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଖଣିଜ ଲୁହାପଥର ଚୋରା ଚାଲାଣ ବେଳେ ମାଡିବସିଲା ପୋଲିସ୍



ଯୋଡା,୧୨/୦୭(ମହାଭାରତ) : ଯୋଡା ଖଣି ମଣ୍ଡଳ ତଥା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ ଶିବ ମନ୍ଦିର ସମ୍ମୁଖରେ ଗଚ୍ଛିତ ଥିବା ଲୁହାପଥର ଗୁଣ୍ଡ କୁ ଚୋରା ଚାଲାଣ କରୁଥିବା ବେଳେ ବାମେବାରୀ ପୋଲି ଚଢାଉ କରାଥିଲା ଏକ ଟ୍ରେଲର ନଂ ୟୁପି ୮୨ଏ ଟି୪୮୬୦ସହିତ ଡ୍ରାଇଭର କୁ ପୋଲିସ ଗିରଫ କରିଥିବା ଖବର ହସ୍ତଗତ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ,ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ଲୁହାପଥର ଡିପୁ ରୁ ଚୋରୀ କରିବାକୁ ଗାଡ଼ି ଲଗାଇ ଚୋରା ଚାଲାଣ ନିମନ୍ତେ ବୋଝେଇ କରୁଥିଲେ । ବୋଝେଇ ପରେ ସେଠାରୁ ଚାଲି ଯିବାକୁ ଚେଷ୍ଟା କରିବା ବେଳେ ଅତର୍କିତ ଭାବରେ ପୋଲିସ୍ ଚଢ଼ାଉ କରିଥିଲା ।ଚଢାଉ ଫଳରେ ଖଣିଜ ଚୋର ମାନେ ଅନ୍ଧାର ରେ ଫେରାର ହୋଇ ଯାଇଥିବା ବେଳେ ପୋଲିସ ଡ୍ରାଇଭର କୁ ଅଟକ ରଖି ଅଧିକ ।ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି ।ଏ ନେଇ ସ୍ଥାନୀୟ କିଛି ଲୋକ ଜାଣିବା ପରେ ଟ୍ରେଲର ଓ ଡ୍ରାଇଭର କୁ ଧରି ପୋଲିସ କୁ ଖବର ଦେଇଥିଲେ ।ଖବର ପାଇ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଟ୍ରେଲର ଜବତ କରିବା ସହିତ ଡ୍ରାଇଭର କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି ।ଉକ୍ତ ଟ୍ରେଲର ରେ ପ୍ରାୟ ୩୫ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଥିବା ସୂଚନା ରହିଥିବା ବେଳେ ଏହାର ଆନୁମାନିକ ମୁଖ୍ୟ ଦୁଇ ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ସୂଚନା ଯୋଗ୍ୟ କି,ନୟାଗଡ଼ ରେଳ ସାଇଡ଼ିଂ ନିକଟସ୍ତ ବିଭିନ୍ନ ବ୍ୟକ୍ତିଗତ ପ୍ଲଟ ରେ ପୂର୍ବରୁ ଲୁହାପଥର ପରିବହନ ହୋଇ ଗଚ୍ଛିତ ରହିଥିଲା ।ଏହାର ଦାବିଦାର କେହି ନ ଥିବାରୁ ଖଣି ବିଭାଗ ଏହାକୁ ଜବତ କରି ଥିଲା ।ଏହାର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ତଥା ରକ୍ଷଣା ବେକ୍ଷଣ ଅଭାବ ରୁ ତାହା ପରିତ୍ୟକ୍ତ ହୋଇ ପଡ଼ି ରହିଛି ।ଫଳରେ ଏହା ଉପରେ ଖଣିଜ ଚୋର ଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ।ଏହିପରି ବିଭିନ୍ନ ପ୍ଲଟ ରେ ଗଚ୍ଛିତ ଥିବା ଖଣିଜ କୁ ଚୋର ମାନେ ମେସିନ ଓ ଟ୍ରକ୍ ଲଗାଇ ବୋହି ନେଉ ଛନ୍ତି ।ଏବେ ଆଉ ଏକ ପ୍ଲଟ ଉପରେ ତାଙ୍କ ନଜର ପଡ଼ିଛି ।ଏହି ଡ଼ିପୁ ରେ ପ୍ରାୟ ଲକ୍ଷାଧିକ ଟନ୍ ଲୁହାପଥର ପଡ଼ି ରହିଛି ।ଏତେ ପରିମାଣ ର ଖଣିଜ ପଡ଼ି ରହିଥିଲେ ହେଁ ଖଣି ବିଭାଗ ଏହାର ଦାୟିତ୍ୱ ନେଉ ନ ଥିବାରୁ ଏଠାରୁ ଖଣିଜ ଚୋର ମାନେ ଅନାୟାସରେ ଚୋରି କରୁଛନ୍ତି । ପୋଲିସ ପୂର୍ବରୁ ଏହି ନୟାଗଡ଼ ରେଳ ସାଇ ଡ଼ିଂ ନିକଟ ରେ ଥିବା ପ୍ଲଟ ଗୁଡିକରେ ଚୋରା ଚାଲାଣ ବେଳେ ଚଢାଉ କରି ଗାଡ଼ି,ମେସିନ ଓ ଖଣିଜ ଚୋର ଙ୍କୁ ଗିରଫ କରିଛି ।ତେଣେ ଖଣି ବିଭାଗ ଜବତ କରି ଅତୀତରେ ରଖିଥିବା ଲୁହାପଥର କୁ କାହିଁକି ଖଣି ନିଗମ କୁ ହସ୍ତାନ୍ତର କରୁ ନାହିଁ ଏବଂ ନିଗମ ଏହାକୁ କାହିଁକି ନିଲାମ କରୁ ନାହିଁ ,ଏହା ଏକ ବଡ ପ୍ରଶ୍ନ ସୃଷ୍ଟି କରିଛି । ନିଲାମ ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଖଣିଜ ଚୋର ଙ୍କ ଲୋଲୁପ ଦୃଷ୍ଟି ପଡୁଚି,ସେମାନେ ଏହାକୁ ବୋହି ନେଇ ଯାଉଛନ୍ତି । ଏ ସମ୍ପର୍କରେ ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ ଙ୍କୁ ପଚାରିବାରୁ ସେ କହିଥିଲେ ଯେ,ଯେହେତୁ ପୋଲିସ ଧରିଛି,ପୋଲିସ ଏ ନେଇ ମାମଲା ରୁଜୁ କରିବ ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ସମାରୋହ




ଆସିକା ତା ୧୨/୭– ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ମହାବିଦ୍ୟାଳୟର ଏହି ସ୍ୱନକ୍ଷତ୍ର ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ. ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧକ୍ଷ ଡ. ତାରାପ୍ରସାଦ ଦାଶ, ପୁରାତନ ଛାତ୍ର ସଂସଦର ସଭାପତି ଡ. ନିରାକର ଭଞ୍ଜ, ପ୍ରଶାସନିକ ଅଧିକାରୀ ବିଭୁତି ଭୂଷଣ ବେବର୍ତ୍ତା, ଅଧାପକ ସରୋଜ କୁମାର ପଣ୍ଡା, ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଉପସ୍ଥିତ ରହିଥିବା ବେଳେ ଅଧାପକ ଡ. ଅଜିତ କୁମାର ମୁନୀ ସଭା ସଞ୍ଚାଳନ କରିଥିଲେ। କଲେଜ ନିର୍ମାଣ ର ମହାନ୍ ଅବଦାନର, ଏବଂ ସେତେବେଳେ ର ବିନ୍ଧାଣି ମାନଙ୍କ ସ୍ମୃତିଚାରଣ କରିଥିଲେ କ୍ଷ କଲେଜ ର ଛାତ୍ର ଛାତ୍ରୀ ମାନେ ନିଜ ନିଜର ଶୈକ୍ଷିକ ଦକ୍ଷତା ବଳରେ ମହାବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବିଧାୟକ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମୀ, ମନଯୋଗୀ ଏବଂ ସମୟାନୁବର୍ତ୍ତିତା ପରାୟଣ ହେବା ପାଇଁ ସଫଳତାର ମନ୍ତ୍ର ପ୍ରଦାନ,ସ୍ୱତନ୍ତ୍ର ରୂପେ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କଳ୍ପେ ସମସ୍ତ ଅଧାପକ, ଅଧାପିକା ତଥା କର୍ମଚାରୀମାନଙ୍କୁ ନିଜ ବୃତ୍ତି ପ୍ରତି ସଦିଚ୍ଛା ରଖିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ କ୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ସ୍ନାତକ କୃତି ଛାତ୍ରଛାତ୍ରୀ ତଥା ଆସିକା ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ବିଭାଗର ଶ୍ରେଷ୍ଠତମ ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାମ କରାଯାଇଥିଲା।

## ମୟୁରଭଞ୍ଜ ସାଂସଦଙ୍କ ଜିଲ୍ଲା ସଂଯୋଜକ ହେଲେ ମନୋଜ ଦାସ



ରାଇରଙ୍ଗପୁର, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ ଙ୍କ ଜିଲ୍ଲା ସଂଯୋଜକ ଭାବେ ମନୋଜ କୁମାର ଦାସ (ବାପି )ନିଯୁକ୍ତି ହୋଇଛନ୍ତି କ୍ଷ ମୟୁରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ ନିଯୁକ୍ତି କରିଛନ୍ତି. ସୂଚନାଅନୁଯାୟୀ ଶ୍ରୀ ମନୋଜ କୁମାର ଦାସ ପୂର୍ବରୁ ବିଜେପି ର ବିଭିନ୍ନ ପଦବୀରେ ରହି ସେ ସମସ୍ତ କାର୍ଯ୍ୟ ଦାୟିତ୍ୱ ର ସହିତ ସୁଚାରୁରୂପେ ତୁଲାଇ ଛନ୍ତି.ଜିଲ୍ଲା ସଂଯୋଜକ ନିଯୁକ୍ତି ହେବା ପରେ ତାଙ୍କୁ ବିଜେପି ରାଜ୍ୟ ସମ୍ପାଦକ ଶ୍ରୀ ନବୀନ ରାମ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ର ବିଧାୟକ ଶ୍ରୀ ଜଲେନ ନାଏକ, ଏବଂ ରାଇରଙ୍ଗପୁର ବିଜେପି ଦଳ ର ବରିଷ୍ଠ ନେତା ବିକାଶ ମହାନ୍ତ,ଆଲୋକ ରଞ୍ଜନ ମହାନ୍ତ, ମହିଳା ନେତ୍ରୀ ମିଥିଳା ଟୁଡୁ, ସୋନାଲି ବିଜୟଲକ୍ଷ୍ମୀମହାନ୍ତ ଙ୍କ ସମତେ ବିଜେପି ର ବହୁ ନେତା ଓ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି.

## ଅଦାଲତ ଉଦ୍ଘାଟନ ପୂର୍ବରୁ ସ୍ଥିତି ପରଖିଲେ ମାନ୍ୟବର ନ୍ୟାୟଧୀସ ଓ ଜିଲ୍ଲା ଦୌରା ଜଜ୍



ଅସ୍ତରଙ୍ଗ/କାକଟପୁର୧୨/୭– ମହାଭାରତ -ଓଡିଶା ନ୍ୟାୟିକ ବ୍ୟବସ୍ଥା ର ପରିବର୍ତ୍ତନ ପାଇଁ ସରକାର ଆଣିଛନ୍ତି ନୂତନ ବନ୍ଦୋବସ୍ତ, ଆଗରୁ ଗ୍ରାମାଞ୍ଚଳ ଲୋକ ନ୍ୟାୟ ପାଇବା ପାଇଁ ଅସ୍ତରଙ୍ଗ କାକଟପୁର ରୁ ଦୀର୍ଘ ୩୦ କିଲୋମିଟର ଯାତ୍ରା କରୁଥିଲେ, ସାଧାରଣ ଲୋକ ଅଯଥା ଖର୍ଚ୍ଚାନ୍ତ ମଧ ହେଉଥିଲେ, ଆଗକୁ ଏହି ଅସୁବିଧା ରେ ପଡ଼ିବାକୁ ଯାଉଛି ପୂର୍ଣ୍ଣଛେଦ, ଉଭୟ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ରେ ଉଦ୍ଘାଟନ ହେବାକୁ ଯାଉଛି ଦେଓ୍ୱାନୀ ବିଚାରପତି ଏବଂ ୧ମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଙ୍କ ଅଦାଲତ, ଉଦ୍ଘାଟନ ପୂର୍ବରୁ ଏହି ୨ ବ୍ଲକ ର କୋର୍ଟ ଗୃହ ଓ ପରିପାର୍ଶ୍ୱ ର ସ୍ଥିତି ଯାଞ୍ଚ କରିବାକୁ ଆଜି ପହଞ୍ଚିଥିଲେ ମାନ୍ୟବର ଓଡିଶା ହାଇକୋର୍ଟ ଙ୍କ ମାନ୍ୟବର ନ୍ୟାୟଧୀସ ଜଷ୍ଟିସ୍ କେ. ଆର ମହାପାତ୍ର ଓ ମାନ୍ୟବର ପୁରୀ ଜିଲ୍ଲା ଦୌରା ଜଜ୍ ଅଜନ୍ତା ଷଡ଼ଙ୍ଗୀ ମହୋଦୟା, ଅସ୍ତରଙ୍ଗ ନୂତନ କୋର୍ଟ ପରିସରରେ ପହଞ୍ଚି ମାନ୍ୟବର ଜଷ୍ଟିସ ଓ ମାନ୍ୟବର ଜିଲ୍ଲା ଜଜ୍ ସମସ୍ତ ଅଧିକାରୀ ଙ୍କ ସହିତ ସବୁ ପ୍ରକାର ସ୍ଥିତି ଅନୁଧାନ କରିଛନ୍ତି, ଏହି ସମୟ ରେ କୋର୍ଟ ପରିସରରେ ଉପସ୍ଥିତ ରହିଥିଲେ ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା ଓ ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ସ୍ଥିତି ଅନୁଧାନ ପରେ ମାନ୍ୟବର ଜଷ୍ଟିସ ଓ ଜିଲ୍ଲା ଦୌରା ଜଜ୍ ଙ୍କ କରକମଳ ରେ କୋର୍ଟ ପରିସରରେ ବୃକ୍ଷ ରୋପଣ କରାଯାଇଛି, କାକଟପୁର ଓ ଅସ୍ତରଙ୍ଗ ପୋଲିସ କଡା ସୁରକ୍ଷା ଓ ପ୍ରୋଟୋକଲ୍ କୁ ଦାୟିତ୍ୱ ସହକାରେ ନିର୍ବାହ କରିଥିଲେ ।

## ଶିକ୍ଷକଙ୍କ ବଦଳି ବାତିଲ ଦାବୀ ନେଇ ତାତିଲେ ଗ୍ରାମବାସୀ, ସ୍କୁଲରେ ପକାଇଲେ ତାଲା



ଛତ୍ରପୁର : ସ୍କୁଲ ଶିକ୍ଷକଙ୍କ ବଦଳି ବାତିଲ କରିବା ଦାବି ନେଇ ଟାକିରିଆ ବ୍ରହ୍ମପୁର ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି । ଏଥିରେ ଛାତ୍ର, ଛାତ୍ରୀ ଓ ଅଭିଭାବକ ମାନେ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ଆଜି ସକାଳୁ ସ୍କୁଲ ଗେଟରେ ତାଲା ପକାଇ ରଖିଛନ୍ତି । ଏପରିକି କୌଣସି ଶିକ୍ଷକଙ୍କୁ ମଧ୍ୟ ସ୍କୁଲକୁ ଛାଡୁ ନାହାନ୍ତି । ଶିକ୍ଷକଙ୍କ ବଦଳି ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହ ସ୍କୁଲରେ ତାଲା ଝୁଲି ରହିବ ବୋଲି ଚେତାବନି ମଧ୍ୟ ଦେଇଛନ୍ତି । ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ସ୍କୁଲର ଜେ.କୁର୍ମା ରାଓଙ୍କୁ ସୁନ୍ଦରପୁର ର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଯାଇଛି । ଜେ.କୁର୍ମା ଜଣେ ଭଲ ଶିକ୍ଷକ ତାଙ୍କ ପାଇଁ ବେସରକାରୀ ସ୍କୁଲର କିଛି ପିଲା ଚଳିତ ଶିକ୍ଷାବର୍ଷରେ ସେଠାରୁ ବାହାରି ଏହି ସ୍କୁଲରେ ନିଜ ନାମ ଲେଖାଇଛନ୍ତି । ଏବେ ଏହି ଶିକ୍ଷକଙ୍କ ବଦଳୀ ହୋଇଯାଇଥିବାରୁ ପିଲାଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ସେମାନେ କହିଛନ୍ତି । ରାଜନୈତିକ ଚାପରେ ଏଠାରୁ ଜେ. କୁର୍ମା ରାଓଙ୍କ ବଦଳୀ ଜାଣିଶୁଣି କରାଯାଇଛି ବୋଲି ଗ୍ରାମବାସୀମାନେ କହିଛନ୍ତି । ଏହା ସହ ଏକ ସ୍ମାରକପତ୍ର ଗତକାଲି ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ସୁଜିତ କୁମାର ପାଢୀଙ୍କୁ ପ୍ରଦାନ କରିଥିଲେ । ଆଜି ସକାଳୁ ଟାକିରିଆ ବ୍ରହ୍ମପୁର ସ୍କୁଲ ଆଗରେ ତାଲା ପକାଇ ସେମାନେ ଆନ୍ଦୋଳନ କରିବା ସହିତ ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନଃ ସେଠାରେ ନିଯୁକ୍ତି କରିବା ଲାଗି ଦାବି କରିଛନ୍ତି ।

## ଗୁରୁପୁର୍ଣ୍ଣିମା ପାଳିତ

ଶ୍ରୀ ଶିରିଡି ସାଇବାବାଙ୍କ ଓମ୍ ସାଇ ଦ୍ୱାରିକାମାୟୀରେ ଗୁରୁପୁର୍ଣ୍ଣିମା ପାଳିତ କଳାହାଣ୍ଡି/ ମହାଭାରତ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା– ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପ ସମ୍ମୁଖ ଭାଗରେ ଥିବା ଶ୍ରୀ ଶିରିଡି ସାଇବାବାଙ୍କ ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମରେ ୧୦ – ତାରିଖ ଗୁରୁବାର ଦିନ ଏକ ଆଧାତ୍ମିକ – ପରିବେଶ ମଧ୍ୟରେ ପବିତ୍ର ଗୁରୁ ପୂର୍ଣ୍ଣିମା ୧ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ବାବାଙ୍କର କାକଡ ଆରତୀ ସମାପନ ହୋଇଥିଲା।

## ରାତିରେ ଶୋଇଥିବା ଅବସ୍ଥାରେ ମହିଳାଙ୍କୁ ଗଳା କାଟି ହତ୍ୟା

ଲାଞ୍ଜିଗଡ(ମହାଭାରତ)କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧିନସ୍ତ ମୂଷିଗୁଡା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା।ସୂଚନା ଅନୁଯାୟୀ ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ତାଳବରା ଗାଁର ଜନନୀ ହରିଜନ୍ ଙ୍କ ପରିବାର ଭବାନୀପାଟଣା ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ ମୂଷିଗୁଡା ଗାଁରେ ଦୀର୍ଘ ୧୦ବର୍ଷ ହେଲା ବସବାସ କରି ପୋଡୁ ଚାଷ କରିଆସୁଥିଲେ।ହେଲେ ମୂଷିଗୁଡ଼ା ସ୍ଥିତ ନିଜ ଘରେ ଜନନୀ ହରିଜନ (୬୧)ଓ ସୁଦାମା ହରିଜନ(୪୦) ଦୁଇଜଣ ମହିଳା ରାତିରେ ଶୋଇପଡ଼ିଥିବା ବେଳେ ଉକ୍ତ ଗାଁର ସଂଜୀତ ନାଏକ (୨୦)ବିଳମ୍ବିତ ରାତିରେ ଆସି ଜୋର ଜବରଦସ୍ତ ଘରେ ପୋଷି ଜନନୀ ନାଏକ (୬୧)ଙ୍କୁ ଗଲାକାଟୀ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ କେଉଁ କାରଣରୁ ଅଭିଯୁକ୍ତ ସଂଜିତ ନାଏକ ମହିଳାଙ୍କୁ ଗଲାକଟି ହତ୍ୟା କରିଛି ଓ କେଉଁ ପ୍ରକାର ମାରଣାସ୍ତ୍ର ବ୍ୟବହାର କରି ହତ୍ୟା କରିଛି ତାହା ଏବେ ଯାଏଁ ପଷ୍ଟ ଜଣାପଡ଼ି ନ'ଥିବା ବେଳେ ଘଟଣା ସ୍ଥଳରୁ ଅଭିଯୁକ୍ତ ଫେରାର ମାରିଛି। ଖବର ପାଇ ଭବାନୀପାଟଣା ସଦର ଥାନ ଅଧିକାରୀ ସୋମ୍ୟରଞ୍ଜନ ପଧାନ, ଏସଆଇ ସୁନିତା ସେଠି ସମେତ କଳାହାଣ୍ଡି ସାଇନ୍ସଟିଫିକ ଟିମ ଡଗ୍ଷ ସ୍କୁଆଡ଼ କେ ନାଇନ ଘଟଣା ସ୍ଥଳରେ ପହଞ୍ଚି କେସ ନଂ ୩୨୪/୨୫/ ୧୦୩.(୧ ବିଏନଏସ )ହତ୍ୟା ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଥିବା ବେଳେ ଏପଟେ ମୃତକଙ୍କ ପରିବାର ଲୋକେ ନ୍ୟାୟ ସହ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରୁଛନ୍ତି।

## କାର୍ଯ୍ୟରତ ନର୍ସଙ୍କୁ କଲେ ଆକ୍ରମଣ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି

ଜୟପୁର : ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ । କାର୍ଯ୍ୟରତ ନର୍ସଙ୍କୁ କଲେ ଆକ୍ରମଣ । ଏପରିକି ଜଣେ କି ଦୁଇ ଜଣ ନୁହେଁ ୪ଜଣ ମଦ୍ୟପ ଧାରୁଆ ଚୁଞ୍ଚିରେ ଅତର୍କିତ ଆକ୍ରମଣ କରୁଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି । ଏପରି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘଟିଛି । ଏହିଭଳି ଘଟଣା ଗତ ୭ତାରିଖ ମଧ ରାତ୍ରରେ ହୋଇଛି । କାହିଁକି ଏପରି ଅଭାବନୀୟ ପରିସ୍ଥିତି ଉପୁଜିଲା କିଛି ସ୍ୱଷ୍ଟ ଭାବେ ଜଣା ପଡ଼ିନି । ସେପଟେ ମେଡ଼ିକାଲର ଷ୍ଟାଫ୍ ନର୍ସମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାପରେ ଘଟଣାଟି ପ୍ରଘଟ ହୋଇଛି । ସେପଟେ ଏହି ଘଟଣାରେ ଆଜି ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏଯାଏ କାହାରିକୁ ଗିରଫ କରିନି ପୋଲିସ । କେବେ ଡାକ୍ତର କେବେ ନର୍ସ ଓ ମେଡିକାଲ କର୍ମଚାରୀଙ୍କ ଉପରେ ଆକ୍ରମଣ ପରେ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ନୂଆଗାଁ ପଞ୍ଚାୟତ ସମିତି ବୈଠକ ପରେ ଉଷ୍ମ ହେଉଛି ରାଜନୀତି




ନୂଆଗାଁ, ( ମହାଭାରତ ) : ପଞ୍ଚାୟତ ସମିତି ବୈଠକ ରେ ସୀମା ଉଲଘ୍ନ କରିଛନ୍ତି ବିଧାୟକ। ନୟାଗଡ଼ ର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପଞ୍ଚାୟତ ସମିତି ବୈଠକ ରେ ଦେଖିବାକୁ ମିଳିଥିବା ରାଗ ର ଉଗ୍ର ରୂପ ଏବେ ନୂଆଗାଁ ବ୍ଲକ ରେ ଚର୍ଚ୍ଚା ର ବିଷୟ ସୃଷ୍ଟି ହୋଇଛି। ନୂଆଗାଁ ପଞ୍ଚାୟତ ସମିତି ଅଧିବେଶନରେ ଏଭଳି ଅଭାବନୀୟ ଘଟଣା କୁ ନେଇ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମଧରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି। ନୂଆଗାଁ ବ୍ଲକ୍ ର ପଞ୍ଚାୟତ ସମିତି ଦଶମ ଅଧିବେଶନ ବିଡ଼ିଓଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ରାଗି ଯାଇ ଫାଇଲ ଫିଙ୍ଗି ଦେଇଥିଲେ ଦଶପଲ୍ଲା ବିଧାୟକ। ଏହାକୁ ନେଇ ଏବେ ନୂଆଗାଁ ପଞ୍ଚାୟତ ସମିତି ର ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଙ୍କ ମଧରେ ଆରମ୍ଭ ହୋଇଗଲାଣି ଶିତଳ ଯୁଦ୍ଧ। ନୂଆଗାଁ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବିଡ଼ିଓଙ୍କ ମନମୁଖୀ ଶାସନ ଚାଲିଛି ବୋଲି ଦଶପଲ୍ଲା ବିଧାୟକ ଙ୍କ ସହ ପଞ୍ଚାୟତ ସମିତି ର ସରପଞ୍ଚ ଓ ସମିତି ସଭ୍ୟ ମାନେ ଅଭିଯୋଗ କରିଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ସହ ନୂଆଗାଁ ବ୍ଲକ ର ଅଧକ୍ଷ ପଦ ସହ ବହୁ ପଞ୍ଚାୟତ ବିଜେଡ଼ି ହାତରେ ରହିଥିବା ରୁ ବିଜେପି ନେତା ଙ୍କ ଚାପରେ ନୂଆଗାଁ ବିଡ଼ିଓ ବ୍ଲକ୍ ଉନ୍ନୟନ ମୂଳକ କାର୍ଯ୍ୟରେ ବିଜେଡି ଜନ ପ୍ରତିନିଧି ମାନଙ୍କୁ ଅସହଯୋଗ କରୁଥିବା ବିଜେଡି ନେତା ମାନେ ଅଭିଯୋଗ କରିଥିଲେ। ଫଳରେ ନୂଆଗାଁ ବ୍ଲକ ବିଭିନ୍ନ ପଞ୍ଚାୟତରେ ଅନେକ ଉନ୍ନୟନ ମୂଳକ କାମ ରାସ୍ତା ଠାରୁ ଆରମ୍ଭ କରି ବ୍ରିଜ୍ ଏବଂ ଗୃହ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ମାନେ ଅଭିଯୋଗ କରିଥିଲେ। ବିଜେଡି ଜନ ପ୍ରତିନିଧି ଙ୍କ ଅଭିଯୋଗ ଅଧାପନ୍ତରିଆ ଭାବେ ପଡି ରହିଥିବା କାମ ସରୁନଥିବା ରୁ ଲୋକମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ବିଡ଼ିଓ କିନ୍ତୁ ସ୍ଥାନୀୟ ବିଜେପି ନେତାଙ୍କ ଚାପରେ ଅସହାୟ ହୋଇ କାମ କରୁଛନ୍ତି। ଏପରିକି ବିଜେଡ଼ି ସରପଞ୍ଚ ସମିତି ସଭ୍ୟଙ୍କ ଅଭିଯୋଗକୁ ବିଡ଼ିଓ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏହାପରେ ନୂଆଗାଁ ବ୍ଲକ୍ ରେ ଚାଲିଥିବା ପଞ୍ଚାୟତ ସମିତି ର ଦଶମ ଅଧିବେଶନ ରେ ଦଶପଲ୍ଲା ବିଧାୟକ ରାଗିଯାଇ ପ୍ରୋସିଡ଼ିଂ କପି ଫୋପାଡି ଦେଇ ଟେବୁଲ୍ ବାଡେଇ ବାଡେଇ ବିଡିଓ ଙ୍କୁ ତାଗିଦ୍ କରିବା ସହ ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ଅଣଦେଖା କରି ବ୍ଲକ୍ ରେ କାମ କଲେ ବିଜେଡି କାମ କରିଇଦେବେ ନାହିଁ ବୋଲି ତାଗିଦ୍ କରିଥିଲେ। ସରକାରୀ କାର୍ଯ୍ୟ ସମ୍ପର୍କରେ ନିର୍ବାଚିତ ବିଜେଡି ଜନ ପ୍ରତିନିଧିଙ୍କୁ ଖବର ଦିଆଯାଉନଥିବା ଅଭିଯୋଗ କରିଥିଲେ ବିଧାୟକ। ବ୍ଲକ ଅଧକ୍ଷ ବ୍ଲକର ଦଶମ ଅଧିବେଶନ ପଞ୍ଚାୟତ ସମିତି ଅଧିବେଶନରେ ବିଡ଼ିଓ ଙ୍କ ମନମୁଖୀ ଶାସନ ବିରୋଧରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ମଧରେ ଅସନ୍ତୋଷର ଦେଖିବା ପାଇଁ ମିଳିଥିଲା। ବ୍ଲକର ଏହି ସାଧାରଣ ଅଧିବେଶନ ବୈଠକ ଦଶପଲ୍ଲା ବିଧାୟକ ରମେଶ ବେହେରା ଯୋଗ ଦେଇଥିଲେ। ବ୍ଲକର ଉନ୍ନୟନ ମୂଳକ କାମ କୁ ନେଇ ନିର୍ବାଚିତ ଜନ ପ୍ରତିନିଧିଙ୍କ ପ୍ରଶ୍ନ ଉତ୍ତର ରେ ବିଡ଼ିଓଙ୍କ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିବାରୁ ବିଧାୟକ ରମେଶ ବେହେରା ରାଗି ଫାଇଲ ଫିଙ୍ଗବା ସହ ତାଗିଦ୍ କରି ଚେତାବନୀ ଦେଇଛନ୍ତି ବିଡ଼ିଓ ଙ୍କୁ। ସେପଟେ ଦଶପଲ୍ଲା ବିଧାୟକଙ୍କ ଏଭଳି ଆଚରଣଙ୍କୁ ଉଠିଛି ପ୍ରଶ୍ନ। ବିଡ଼ିଓଙ୍କୁ ବିଧାୟକ ନାଲି ଆଖି ଦେଖାଇବା ସହ ଟେବୁଲ୍ ବାଡେଇ ବିଡ଼ିଓଙ୍କୁ ଧମକ ଦେବା ଏବେ ପ୍ରଶାସନିକ ସ୍ତରରେ ଚହଳ ସୃଷ୍ଟି କରିଛି। ଜଣେ ବିଧାୟକ ବ୍ଲକ୍ ରେ କାମ ଅଟକାଇବା କୁ ଧମକ ଦେବା ଶହ କେମିତି ବ୍ଲକ୍ ରେ କାମ କରିବ ଆମେ ଦେଖିବୁ ଜାଣେ ପ୍ରଶାସନିକ ଅଧିକାରୀ ଙ୍କୁ ଏଭଳି ଧମକ ଦେବା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଛି। ପଞ୍ଚାୟତ ସମିତି ସାଧାରଣ ଅଧିବେଶନରେ ବିଡ଼ିଓ ଏବଂ ବିଧାୟକ ଓ ଚେୟାର ମ୍ୟାନ୍ ମୁହାଁମୁହିଁ ହେବା ଘଟଣା ରାଜନୀତି ରୂପ ନେଇଛି। ଆଗକୁ ଏହି ଘଟଣା ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମଧରେ ଉଗ୍ରରୂପ ନେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମ୍ପର୍କରେ ବିଡ଼ିଓଙ୍କ କହିବା ମୁତାବକ ବିଭିନ୍ନ ପଞ୍ଚାୟତ ରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ର ଓ୍ୱାରକର୍ଡ ଜେଇ ଙ୍କ ନାମରେ ରହିଥାଏ। ଜେଇ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କୁ ଜଣାଇ ପଞ୍ଚାୟତ ମାନଙ୍କ ରେ କାମ କରିଥାନ୍ତି। କିନ୍ତୁ ବିଧାୟକ ଙ୍କ ସହ ଜନ ପ୍ରତିନିଧି ମାନଙ୍କ ଅଭିଯୋଗ କୁ ସେ ଏହି ଅଧିବେଶନରେ ପାଇଲେ। ଆଗକୁ ଏହାର ତଦନ୍ତ କରିବା ସହ କିପରି ସମସ୍ତ ଜନ ପ୍ରତିନିଧି ମାନଙ୍କ ସହ ମିଶି ବ୍ଲକ୍ ରେ ଉନ୍ନୟନ ମୂଳକ କାର୍ଯ୍ୟ କରିବେ ତାକୁ ଗୁରୁତ୍ୱ ଦେବେ। ଭାପୁର ବ୍ଲକ ପରେ ନୂଆଗାଁ ବିଡ଼ିଓଙ୍କ ମନମୁଖୀ ଶାସନ ବିରୋଧରେ ଏକାଠି ହୋଇଛନ୍ତି ବ୍ଲକର ବିଜେଡ଼ି ସମର୍ଥିତ ନିର୍ବାଚିତ ଜନ ପ୍ରତିନିଧି। ଆଗକୁ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ବିଜେଡି ଜନ ପ୍ରତିନିଧି ମାନେ। କିନ୍ତୁ ଏପଟେ ବାରମ୍ବାର ଜନ ପ୍ରତିନିଧି ଙ୍କ ଆକ୍ରୋଶ ର ଶିକାର ହେଉଛନ୍ତି ପ୍ରଶାସନିକ ଅଧିକାରୀ ମାନେ। ତାକୁ ନେଇ ବି ଓଏସ୍ ସଂଘ ମଧ ଜନ ପ୍ରତିନିଧି ମାନଙ୍କୁ ତିବ୍ର ଚେତାବନୀ ଦେବ ବୋଲି ଜଣା ପଡିଛି। ଏପରି ନୟାଗଡ଼ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମଧରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇ ସାରିଥିବା ବେଳେ ଆଗକୁ କେଉଁ ମୋଡ଼ ନେଉଛି ଦେଖିବାକୁ ବାକି।









## ଆଇଆଇଏମ କ୍ୟାମ୍ପସରେ ଛାତ୍ରୀଙ୍କୁ ଦୁଷ୍କର୍ମ, ଅଭିଯୁକ୍ତକୁ ଗିରଫ କଲା ପୋଲିସ

କୋଲକତାରେ ପୁଣି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି । କୋଲକତା ଆଇଆଇଏମରେ ଛାତ୍ରୀଙ୍କୁ ଦୁଷ୍କର୍ମ ହୋଇଥିବା ସୂଚନା ମିଳିଛି । ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ପୋଲିସ ପ୍ରାରମ୍ଭିକ ଯାଞ୍ଚ କରୁଛି । ଏହି ମାମଲାରେ ପୋଲିସ ପୀଡିତାଙ୍କ ଅଭିଯୋଗ ଆଧାରରେ ଗିରଫ କରିଛି ।

ଖବର ମୁତାବକ, କୋଲକତା ଆଇଆଇଏମର ବିଜନେସ ସ୍କୁଲର ଏକ ହଷ୍ଟେଲରେ ଦୁଷ୍କର୍ମ ହୋଇଥିବା ସୂଚନା ମିଳିଛି । ଛାତ୍ରୀଙ୍କୁ କାଉନସିଲ ସେସନ ଆଟେଣ୍ଡ କରିବା ପାଇଁ ହଷ୍ଟେଲକୁ ଡକାଯାଇଥିଲା । ଏହାପରେ ନିଶାଦ୍ରବ୍ୟ ପିଆଇ ବେହୋସ କରାଯାଇଥିଲା । ଏହାପରେ ଦୁଷ୍କର୍ମ କରାଯାଇଥିଲା । ଘଟଣା ବିଷୟରେ କାହାକୁ କହିଲେ ପରିଣାମ ଗମ୍ଭୀର ହେବ ବୋଲି ଧମକ ଦିଆଯାଇଥିଲା ।

କିଛିଦିନ ପୂର୍ବରୁ କୋଲକତାର ଏକ ଲ କଲେଜରେ ପଢୁଥିବା ଜଣେ ଛାତ୍ରୀଙ୍କୁ କଲେଜ କ୍ୟାମ୍ପସରେ ଦୁଷ୍କର୍ମ କରାଯାଇଥିଲା । ପୋଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ରାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଏହି ମାମଲାରେ ଏଯାଏଁ ଯାଞ୍ଚ ଚାଲିଛି । ସୂଚନାଯୋଗ୍ୟ, ଗତବର୍ଷ କୋଲକତା ଆରଜିକର ମେଡିକାଲ କଲେଜରେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା । ଗତବର୍ଷ ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା । ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ । ଘଟଣା ଦିନ ରାତିରେ ସେମିନାର୍ ହଲରେ ଅଭୟା ଶୋଇଥିବାବେଳେ ସଞ୍ଜୟ ରୁମକୁ ଯାଇଥିଲା । ସିସିଟିଭି ଫୁଟେଜ ଆଧାରରେ ସଞ୍ଜୟକୁ ଛାଡ଼ିଦେଲେ କୌଣସି ଷ୍ଟାଫ୍ ସେଠାକୁ ଯାଇ ନ ଥିଲେ । ସଞ୍ଜୟର ବ୍ଲୁଟୁଥ୍ ଅଭୟାଙ୍କ ମୃତଦେହ ନିକଟରେ ପଡ଼ିଥିଲା । ଯାହା ଆଧାରରେ ସଞ୍ଜୟଙ୍କୁ ଗିରଫ କରିଥିଲା ପୋଲିସ ।

## ଦିଲ୍ଲୀ : ଭୁଶୁଡ଼ିଲା ୪ ମହଲା କୋଠା, ଅନେକ ଲୋକ ଦବିଥିବା ଆଶଙ୍କା



ନୂଆଦିଲ୍ଲୀ : ଦିଲ୍ଲୀରେ ବଡ଼ ଅଘଟଣ । ଭୁଶୁଡ଼ିଲା ୪ ମହଲା କୋଠା । ଭଗ୍ନାବଶେଷ ତଳେ ୧୨ ଜଣ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଘଟଣା ସ୍ଥଳରେ ଦମକଳ ଗାଡ଼ି ରହିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସିଲମପୁର ଇଦଗା ରୋଡରେ ଏହି ଅଘଟଣ ଘଟିଛି । ଘଟଣାସ୍ଥଳରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଖବର ମୁତାବକ, ଆଜି ସକାଳ ପ୍ରାୟ ସଢ଼େ ୭ଟା ବେଳେ ଦିଲ୍ଲୀ ୱେଲକମ ଅଞ୍ଚଳରେ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା । ଏହି ବିଲ୍ଡିଂରେ ଗୋଟିଏ ପରିବାରର ୧୦ ଜଣ ରହୁଥିଲେ । ତେବେ ଭୁଶୁଡ଼ିବା ବେଳେ କେତେ ଜଣ ଥିଲେ ସଂପୂର୍ଣ୍ଣ ସ୍ପଷ୍ଟ ହୋଇନି । ୪ ଜଣଙ୍କୁ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଛି । ଏବେ ବି ୩-୪ ଜଣ ଫସି ରହିଥିବା ଆଶଂକା କରାଯାଉଛି । ରେସକ୍ୟୁ ଅପରେସନ ଜାରି ରହିଛି । ଉଦ୍ଧାରକାରୀ ଘଉଜର ଟିମ୍ କୁ ସ୍ଥାନୀୟ ଲୋକେ ମଧ ସହାୟତା କରୁଛନ୍ତି । ଗଳିଟି ବହୁତ ଛୋଟ ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି । ତେବେ ବିଲ୍ଡିଂଟି କାହିଁକି ଭୁଶୁଡ଼ିଲା, ସେ ନେଇ କିଛି ସ୍ପଷ୍ଟ ହୋଇ ନାହିଁ । ବିଲ୍ଡିଂ ଭୁଶୁଡ଼ିବା ବେଳେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଫଳରେ ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ । ତେବେ ଭୁଶୁଡ଼ିବା ବେଳେ ବିଲ୍ଡିଂରେ ଥିବା ଲୋକେ ଶୋଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

## ବୌଦ୍ଧ ପୀଠ ଉପରେ ଏୟାର ଷ୍ଟ୍ରାଇକ୍, ୨୩ ମୃତ, ୧୫୦ରୁ ଅଧିକ ଆହତ



ମିଆଁମାର : ବୌଦ୍ଧ ପୀଠ ଉପରେ ଏୟାର ଷ୍ଟ୍ରାଇକ୍। ମିଆଁମାରର କେନ୍ଦ୍ରୀୟ ସାଇଗଙ୍ଗ ଅଞ୍ଚଳରେ ଥିବା ବୌଦ୍ଧ ପୀଠ ଉପରେ ହୋଇଥିବା ଏୟାର ଷ୍ଟ୍ରାଇକରେ ୪ ଜଣ ଶିଶୁଙ୍କ ସମେତ ୨୩ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ମିଆଁମାରର ସାମରିକ ସରକାରଙ୍କ ନିର୍ଦ୍ଦେଶରେ ଏହି ଏୟାର ଷ୍ଟ୍ରାଇକ ହୋଇଥିବା ଜଣାପଡିଛି । ଶୁକ୍ରବାର ସକାଳୁ ଲିନ ତା ଲୁ ଗାଁରେ ହୋଇଥିବା ଏହି ଏୟାର ଷ୍ଟ୍ରାଇକରେ ୨୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ପ୍ରାୟ ୩୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ମିଆଁମାରରେ ବିଦ୍ରୋହୀ ଓ ସାମରିକ ସରକାରଙ୍କ ମଧ୍ୟରେ ବିଭିନ୍ନ ଅଞ୍ଚଳର ଦଖଲକୁ ନେଇ ବିବାଦ ଜାରି ରହିଛି । ସାଇଗଙ୍ଗ ଅଞ୍ଚଳରେ ବିଦ୍ରୋହୀ ଓ ସାମରିକ ସରକାରଙ୍କ ମଧ୍ୟରେ ଲଢେଇ ଚାଲିଥିବାରୁ ସାଧାରଣ ଲୋକେ ସ୍ଥାନୀୟ ବୌଦ୍ଧ ପୀଠରେ ଆଶ୍ରୟ ନେଇଥିଲେ । ହେଲେ ସେମାନେ ବିଦ୍ରୋହୀଙ୍କୁ ସମର୍ଥନ ଦେଉଥିବା ଆଶଙ୍କାରେ ଏୟାର ଷ୍ଟ୍ରାଇକ୍ ହୋଇଥିଲା । ଏଥି ସହ ଜାଣିରଖନ୍ତୁ ଯେ, ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାତି ପ୍ରାୟ ୧ଟାରେ ଏକ ଜେଟ୍ ଫାଇଟର ବିମାନ ଗ୍ରାମ ମଠ ଉପରେ ବୋମା ପକାଇଥିଲା । ହେଲେ ଏହି ଆକ୍ରମଣ କିଏ କରିଛି ସେ ବିଷୟରେ ଏପର୍ଯ୍ୟନ୍ତ ସୂଚନା ପ୍ରକାଶ କରାଯାଇ ନାହିଁ । ସେନା ଏପର୍ଯ୍ୟନ୍ତ ଘଟଣା ବିଷୟରେ କିଛି କହିନାହିଁ । ମିଆଁମାରର ସ୍ୱାଧୀନ ଡେମୋକ୍ରାଟିକ୍ ଭଏସ୍ ଅଫ୍ ବର୍ମା ଅନଲାଇନ୍ ଗଣମାଧ୍ୟମ ଅନୁଯାୟୀ, ମୃତ୍ୟୁ ସଂଖ୍ୟା ୩୦ ପର୍ଯ୍ୟନ୍ତ ହୋଇପାରେ । ୨୦୨୧ ମସିହାରୁ ମିଆଁମାରରେ ଗୃହଯୁଦ୍ଧ ଜାରି ରହିଛି । ମିଆଁମାରରେ ଗୃହଯୁଦ୍ଧ ୧ ଫେବୃଆରୀ, ୨୦୨୧ରେ ଏକ ସାମରିକ ବିଦ୍ରୋହ ସହିତ ଆରମ୍ଭ ହୋଇଥିଲା, ଯେତେବେଳେ ସାମରିକ ବାହିନୀ ନ୍ୟାସନାଲ ଲିଗ୍ ଫର ଡେମୋକ୍ରାସି ର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିଥିଲା ଏବଂ ଅଙ୍ଗ ସାନ ସୁ କି ସରକାରଙ୍କ ନେତାମାନଙ୍କୁ ଅଟକ ରଖିଥିଲା । ୨୦୨୦ ନିର୍ବାଚନରେ ବିଜୟକୁ ସେନା ପ୍ରତାରଣାମୂଳକ ଘୋଷଣା କରିବା ପରେ ବିଶାଳ ପ୍ରତିବାଦ ଆରମ୍ଭ ହୋଇଥିଲା । ସେନାର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ପ୍ରତିରୋଧ ସୃଷ୍ଟି କରିଥିଲା, ଯେଉଁଥିରେ ଜାତୀୟ ଏକତା ସରକାର ଏବଂ ଏହାର ପିପୁଲ୍ସ ଡିଫେନ୍ସ ଫୋର୍ସ ସହିତ ଅନେକ ଜାତିଗତ ସଶସ୍ତ୍ର ସଂଗଠନ ସାମିଲ୍।

## କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କୁ ବୋମା ଧମକ, ପୋଲିସ୍ ଆରମ୍ଭ କଲା ତଦନ୍ତ



ନୂଆଦିଲ୍ଲୀ : ଚଳିତ ବର୍ଷ ଶେଷରେ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହାକୁ ନେଇ ରାଜନୈତିକ ଦଳଗୁଡ଼ିକ ସକ୍ରିୟ ହୋଇ ଉଠିଛନ୍ତି ଏବଂ ନିର୍ବାଚନ ପ୍ରଚାରରେ ସମସ୍ତ ଶକ୍ତି ଖଟାଇ ଦେଇଛନ୍ତି । ଏହି ସମୟରେ, କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କୁ ହତ୍ୟା ଧମକ ମଧ୍ୟ ମିଳିଛି । ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ସଭାପତି ଏବଂ କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କୁ ବୋମା ମାଡ଼ ଧମକ ମିଳିଛି । ଏହା ପରେ, କେନ୍ଦ୍ରମନ୍ତ୍ରୀ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଇଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଲୋକ ଜନଶକ୍ତି ପାର୍ଟିର ମୁଖ୍ୟ ମୁଖପାତ୍ର ରାଜେଶ ଭଟ୍ଟ ସୋସିଆଲ ମିଡିଆରେ ପାର୍ଟି ଅଧକ୍ଷ ଚିରାଗ ପାସୱାନଙ୍କୁ ଦିଆଯାଇଥିବା ହତ୍ୟା ଧମକ ସମ୍ପର୍କରେ ସାଇବର ପୋଲିସ ଷ୍ଟେସନ ପାଟନାରେ ଅଭିଯୋଗ କରିଛନ୍ତି । ଏଥି ସହ ଜାଣିରଖନ୍ତୁ ଯେ, ଚିରାଗ ପାସୱାନ ୨୦୨୪ ଲୋକସଭା ନିର୍ବାଚନରେ ହାଜିପୁର ଆସନରୁ ଏକ ବଡ଼ ବିଜୟ ହାସଲ କରିଥିଲେ । ସେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ୟାବିନେଟରେ ଜଣେ ମନ୍ତ୍ରୀ ଅଛନ୍ତି । ସକ୍ରିୟ ରାଜନୀତିରେ ଯୋଗ ଦେବା ପୂର୍ବରୁ, ଚିରାଗ ଜଣେ ବଲିଉଡ ଅଭିନେତା ମଧ୍ୟ ଥିଲେ । ସିନେମା ଜଗତରେ କ୍ୟାରିଅର ଆରମ୍ଭ କରିଥିବା ଚିରାଗ ପାସୱାନ ବର୍ତ୍ତମାନ ତାଙ୍କ ପିତା ରାମବିଳାସ ପାସୱାନଙ୍କ ରାଜନୈତିକ ଉତ୍ତରାଧିକାରକୁ ସମ୍ଭାଳିଛନ୍ତି । ପୂର୍ବରୁ, ଛାପ୍ରାରେ ଆୟୋଜିତ 'ନବ ସଂକଳ୍ପ ମହାସଭା'କୁ ସମ୍ବୋଧିତ କରିବା ସମୟରେ, ଚିରାଗ ପାସୱାନ ବିହାରର ସମସ୍ତ ଆସନରେ ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଥିଲେ । ସେ କହିଥିଲେ ଯେ ଯେତେବେଳେ ସେ ବିହାର ଆସି ନିର୍ବାଚନ ଲଢ଼ିବା ବିଷୟରେ କଥା ହୁଅନ୍ତି, ଅନେକ ଲୋକ ବିରକ୍ତ ହୋଇଯାଆନ୍ତି । ତାଙ୍କୁ ପଚରାଯାଏ ଯେ ସେ କେତେ ଆସନରେ ଲଢ଼ିବେ। ଏପରି ପରିସ୍ଥିତିରେ, ଆଜି ମୁଁ ଘୋଷଣା କରୁଛି ଯେ ମୁଁ ବିହାରର ୨୪୩ ଆସନରେ ନିର୍ବାଚନ ଲଢ଼ିବି । ସେହି ସମୟରେ, ସେ ସ୍ପଷ୍ଟ କରିଥିଲେ ଯେ ସେ ଏନଡିଏର ଅଂଶ ରହିବେ ଏବଂ ଚିରାଗ ପାସୱାନ ପ୍ରତ୍ୟେକ ଆସନରେ ନିର୍ବାଚନ ଲଢ଼ିବେ । କାହାର ନାମ ନ ନେଇ ସେ କହିଥିଲେ, ''ତାଙ୍କୁ ବିହାର ଆସିବାରୁ ରୋକିବା ପାଇଁ ଏକ ଷଡ଼ଯନ୍ତ୍ର ଚାଲିଛି, କିନ୍ତୁ ସେ କାହାକୁ ଭୟ କରିବେ ନାହିଁ । ଆଜି, ସାରଣର ଏହି ପବିତ୍ର ଭୂମିରୁ, ମୁଁ ଆପଣମାନଙ୍କ ସମସ୍ତଙ୍କ ସାମ୍ନାରେ କହୁଛି ଯେ ହଁ, ମୁଁ ନିର୍ବାଚନ ଲଢ଼ିବି । ମୁଁ ବିହାରର ଲୋକଙ୍କ ପାଇଁ, ମୋ ଭାଇମାନଙ୍କ ପାଇଁ, ମୋ ମା'ମାନଙ୍କ ପାଇଁ, ମୋ ଭଉଣୀମାନଙ୍କ ପାଇଁ ନିର୍ବାଚନ ଲଢ଼ିବି ଏବଂ ବିହାରରେ ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବି, ଏପରି ଏକ ବିହାର ସୃଷ୍ଟି କରିବି, ଯାହା ପ୍ରକୃତରେ ରାଜ୍ୟକୁ ବିକାଶ ପଥରେ ଆଗକୁ ନେଇଯିବ ।"

## ୟୁକ୍ରେନ ଉପରେ ରୁଷର ୭ଶହ ଡ୍ରୋନ୍ ଆକ୍ରମଣ, ୨ ମୃତ



ୟୁକ୍ରେନ ଉପରେ ରୁଷର ବଡ଼ ହମଲା । ୭ଶହ ଡ୍ରୋନ୍, ୧୦ ବମ୍ବର ସହ ଡର୍ଜନ ମିସାଇଲ ଆଟାକ କରିଛି କ୍ରେମଲିନ। ରାତିତମାମ ଡ୍ରୋନ ଓ ମିସାଇଲ ମାଡ଼। ୟୁକ୍ରେନ ଉପରେ ରୁଷର ଏହା ଚଳିତ ମାସର ଚତୁର୍ଥ ବଡ଼ ଆକ୍ରମଣ । ପଶ୍ଚିମ ୟୁକ୍ରେନର ସହରଗୁଡ଼ିକୁ ଟାର୍ଗେଟ କରି ଆଟାକ ହୋଇଥିଲା । ବିଶେଷ କରି ଉତ୍ତର-ପୂର୍ବରେ ଖାରକିଭ ଏବଂ ସୁମିରୁ ପଶ୍ଚିମରେ ଲିଭଭ, ଲୁସ୍କ ଏବଂ ଚେର୍ନିଭସି ପର୍ଯ୍ୟନ୍ତ ବେସାମରିକ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଥିଲା । ୟୁକ୍ରେନର ଚେର୍ନିଭସି ସହରରେ ଏହି ଆକ୍ରମଣରେ ଦୁଇ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଜଣେ ୨୬ ବର୍ଷୀୟା ମହିଳା ଓ ଜଣେ ୪୩ ବର୍ଷର ପୁରୁଷ। ଏହି ଅଞ୍ଚଳ ରୋମାନିଆର ସୀମା ଠାରୁ ପାଖାପାଖି ୪୦ କିଲୋମିଟର ଦୂରରେ ରହିଛି । ଏହି ହମଲା ଏମିତି ସମୟରେ ହୋଇଛି, ଯେତେବେଳେ ନିକଟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ସେନା ସାହାଯ୍ୟ ଦେବାକୁ କହିଥିଲେ । ଆକ୍ରମଣରେ ୧୪ଜଣ ଲୋକ ଆହତ ହୋଇଥିବା ବେଳେ ଅନେକ ଆବାସିକ ଓ ସରକାରୀ କୋଠାଗୁଡ଼ିକ ବଡ଼ ଧରଣର କ୍ଷତିଗ୍ରସ୍ତ ହୋଇଛି । ସହରରେ ଅନେକ ସ୍ଥାନରେ ନିଆଁ ଲାଗିଯାଇଛି ଏବଂ ଆତଙ୍କ ଖେଳିଯାଇଛି । ହମଲାରେ ଲିଭଭ ସହରର ୪୬ଟି ଆବାସିକ ବିଲ୍ଡିଂ , ଏକ ୟୁନିଭର୍ସିଟି, କୋର୍ଟ ଓ ୨୦ରୁ ଅଧିକ ଛୋଟ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା କିଭି କହିଛି । ସେପଟେ ରୁଷ ହମଲାର ପାଲଟା ଜବାବ ଦେଇଛି ୟୁକ୍ରେନ । ୟୁକ୍ରେନ ପ୍ରତିରକ୍ଷା ବିଭାଗ ରୁଷର ଅନେକ ଡ୍ରୋନ ଓ ମିସାଇଲ ଖସାଇ ଦିଆଯାଇଥିବା ଦାବି ହୋଇଛି ।

## କାନାଡା ଉପରେ ୩୫ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

କାନାଡା ଉପରେ ୩୫ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଫେଣ୍ଟାନିଲ୍ ନାମକ ଏକ ଔଷଧ ଉପରେ ଏହି ଶୁଳ୍କ ଲାଗୁ କରିଛନ୍ତି । ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଏହି ଔଷଧ ପାଇଁ ପ୍ରତିବର୍ଷ ଆମେରିକାରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟୁଛି ।

ଟ୍ରମ୍ପଙ୍କ ନିଷ୍ପତ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ମଧ ପ୍ରଭାବିତ କରିପାରେ । ଫେଣ୍ଟାନିଲ୍ ଏକ ସିନଥେଟିକ୍ ଓପିଓଏଡ୍ । ଏହାକୁ ଚିକିତ୍ସା କ୍ଷେତ୍ରରେ ପେନ୍ କିଲର୍ ଭାବରେ ବ୍ୟବହାର କରାଯାଏ । ଏହା ମର୍ଫିନ୍ ଅପେକ୍ଷା ପ୍ରାୟ ୫୦ ଗୁଣ ଏବଂ ହେରୋଇନ୍ ଅପେକ୍ଷା ୧୦୦ ଗୁଣ ଅଧିକ ଶକ୍ତିଶାଳୀ ବୋଲି କୁହାଯାଏ ।

ପୂର୍ବରୁ ଏହି ଔଷଧ କେବଳ ହସ୍ପିଟାଲରେ ଏବଂ ଡାକ୍ତରଙ୍କ ପ୍ରେସକ୍ରିପସନରେ ଉପଲବ୍ଧ ଥିଲା, କିନ୍ତୁ ଧୀରେ ଧୀରେ ଏହାର ଅବୈଧ ଉତ୍ପାଦନ ଆରମ୍ଭ ହୋଇଥିଲା । ଅଭିଯୋଗ ହେଉଛି ଯେ ଚୀନ୍ ଏବଂ ମେକ୍ସିକୋ ପରେ, ବର୍ତ୍ତମାନ କାନାଡା ମଧ ଫେଣ୍ଟାନିଲ୍ ବାଣିଜ୍ୟର ଏକ ବଡ଼ କେନ୍ଦ୍ର ପାଲଟିଛି ।

ଆମେରିକାରେ ଫେଣ୍ଟାନିଲ୍ ଯୋଗୁଁ ଅଧିକ ମାତ୍ରାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତବର୍ଷ ଆମେରିକାରେ ୧.୧୨ ଲକ୍ଷ ମୃତ୍ୟୁ ହୋଇଥିଲା ।

୨୦୨୩ ମସିହାରେ ୭୦ ହଜାରରୁ ଅଧିକ ମୃତ୍ୟୁ ହୋଇଥିଲା, ଯାହାର ମୁଖ୍ୟ କାରଣ ଫେଣ୍ଟାନିଲ୍ ସମେତ ଅନ୍ୟାନ୍ୟ ସିନଥେଟିକ୍ ଓପିଓଏଡ୍ସର ମାତ୍ରାଧିକ ବୋଲି ବିବେଚନା କରାଯାଉଥିଲା । ଟ୍ରମ୍ପ ଯେଉଁ ଔଷଧ ଉପରେ ଶୁଳ୍କ ଲଗାଇଛନ୍ତି ତାହା କାନାଡା ଏବଂ ଆମେରିକା ଉଭୟ ଦ୍ୱାରା ଉତ୍ପାଦିତ ହୁଏ ।

## ଛତ୍ରପତି ଶିବାଜୀ ମହାରାଜା ଦୁର୍ଗକୁ ମିଳିଲା ୟୁନେସ୍କୋର ମାନ୍ୟତା



ନୂଆଦିଲ୍ଲୀ : ଛତ୍ରପତି ଶିବାଜୀଙ୍କ ଅମଳର ମରାଠା ଦୁର୍ଗକୁ ମିଳିଲା ୟୁନେସ୍କୋର ମାନ୍ୟତା । ବିଶ୍ୱ ଐତିହ୍ୟ ତାଲିକାରେ ପାଇଲା ସ୍ଥାନ । ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ହେଲା 'ମରାଠା ସୈନ୍ୟଭୂମି, ଯାହା ଭାରତର ୪୪ତମ ୟୁନେସ୍କୋ ମାନ୍ୟତା ପାଇଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ସୋସିଆଲ ମିଡିଆରେ ପୋଷ୍ଟ ସେୟାର କରିଛନ୍ତି । ଏହାସହିତ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ୟାରିସରେ ୪୭ତମ ବିଶ୍ୱ ଐତିହ୍ୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏନେଇ ବିଦେଶିକ ମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏକ୍ସରେ ପୋଷ୍ଟ ସେୟର କରି ଲେଖିଛନ୍ତି, ଐତିହାସିକ ଏବଂ ଗୌରବର ମୁହୂର୍ତ୍ତ । ମହାରାଷ୍ଟ୍ର ସରକାର ଆମର ପ୍ରିୟ ଛତ୍ରପତି ଶିବାଜୀ ମହାରାଜାଙ୍କୁ ପ୍ରଣାମ କରୁଛି । ମହାରାଷ୍ଟ୍ରର ନାଗରିକ ଏବଂ ସମସ୍ତ ଶିବଭକ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ମହାରାଷ୍ଟ୍ର ଓ ତାମିଲନାଡୁର ୧୨ଟି ଦୁର୍ଗ ସମେତ ସାଲହେର, ଶିବନେରୀ, ଲୋହଗଡ଼, ଖଣ୍ଡେରୀ, ରାୟଗଡ଼, ରାଜଗଡ଼, ପ୍ରତାପଗଡ଼, ସୁବର୍ଣ୍ଣଦୁର୍ଗ, ପାନହାଲା, ବିଜୟଦୁର୍ଗ, ସିନ୍ଧୁଦୁର୍ଗ ଓ ଗିଙ୍ଗୀ ଦୁର୍ଗ ମରାଠା ଶାସକଙ୍କ ସାମରିକ ରଣନୀତି ଓ ସ୍ଥାପତ୍ୟ କୌଶଳକୁ ପ୍ରଦର୍ଶିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଏହି ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି ।

## ଭୋପାଳ ପରେ ପାଟନା ଏୟାରପୋର୍ଟକୁ ବୋମାରେ ଉଡ଼ାଇବାକୁ ଧମକ, ନିର୍ଦ୍ଦେଶକଙ୍କୁ ମିଳିଲା ଇମେଲ



ପାଟନା : ପାଟନାର ଜୟ ପ୍ରକାଶ ନାରାୟଣ ବିମାନବନ୍ଦରକୁ ପୁଣି ଥରେ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଏକ ମେଲ୍ ମିଳିଛି । ସୂଚନା ପାଇବା ମାତ୍ରେ ବମ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା । ତଥାପି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିଲା । ପୂର୍ବରୁ ଭୋପାଳ ବିମାନବନ୍ଦର ପାଇଁ ମଧ ଧମକ ମିଳିଥିଲା। ଖବର ମୁତାବକ, ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଏକ ଇମେଲ୍ ମିଳିଥିଲା । ଏଥିରେ ପାଟନା ବିମାନବନ୍ଦରକୁ ବୋମା ଦେଇ ଉଡ଼ାଇ ଦେବାର ଧମକ ଦିଆଯାଇଥିଲା । ଇମେଲ୍ ପାଇବା ପରେ ତୁରନ୍ତ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ବୋମା ନିଷ୍କ୍ରିୟକାରୀ ଦଳ ମଧ ଘଟଣାସ୍ଥଳରେ ପହଞ୍ଚିଥିଲା । ଧମକ ସମ୍ପର୍କରେ ବିମାନବନ୍ଦର ଥାନାରେ ଅଭିଯୋଗ କରାଯାଇଛି । ପାଟନାରୁ ଦିଲ୍ଲୀ, କୋଲକାତା, ମୁମ୍ବାଇ, ବାଙ୍ଗାଲୋର ଏବଂ ଅମୃତସରକୁ ବିମାନ ଉଡ଼ାଣ ଭରିଥାଏ । ଚେନ୍ନାଇ, ଗୌହାଟି, ପୁଣେ, ଲକ୍ଷ୍ନୌ ଏବଂ ରାଞ୍ଚିର ମଧ ପାଟନା ବିମାନବନ୍ଦର ସହିତ ସଂଯୋଗ ରହିଛି । ସୂଚନାଯୋଗ୍ୟ, ପୂର୍ବରୁ ସୋମବାର (୭ ଜୁଲାଇ) ଭୋପାଳର ରାଜା ଭୋଜ ବିମାନବନ୍ଦରକୁ ମଧ ବୋମା ବିସ୍ଫୋରଣ ଧମକ ଦିଆଯାଇଥିଲା । ଏହି ଧମକ ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ମଧ ଇମେଲ୍ କରାଯାଇଥିଲା । ସୂଚନା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ ତଦନ୍ତ ଆରମ୍ଭ କରି କିଛି ମିଳିନଥିଲା ।

## ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଉପହାର, ୧୦୦ ୟୁନିଟ ପର୍ଯ୍ୟନ୍ତ ମିଳିବ ମାଗଣା ବିଜୁଳି !



ବିହାର : ଚଳିତବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିଭିନ୍ନ ରାଜନେ?ତିକ ଦଳ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନାର ପ୍ରଚାର କରିଛନ୍ତି । ନୀତିଶ କୁମାର ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଉପଭୋକ୍ତା ମାନଙ୍କୁ ମାଗଣାରେ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ପାଇପାରିବେ ବୋଲି ଘୋଷଣା କରିଛନ୍ତି । ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଯାଇଥିବା ବେଳେ କ୍ୟାବିନେଟର ମୋହର ଲାଗିବା ବାକି ରହିଛି । ଉପଭୋକ୍ତାଙ୍କୁ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ କେ?ଣସି ପ୍ରକାର ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ ନାହିଁ। ଏହାପରେ ଯେତିକି ବିଜୁଳି ଉପଭୋକ୍ତା ଖର୍ଚ୍ଚ କରିବେ ସେଇ ଅନୁଯାୟୀ ଚାର୍ଜ ପେ?ଠ କରିବାକୁ ହେବ । ମାଗଣା ବିଜୁଳି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ଯାଇ ଏହାକୁ ଉପଭୋକ୍ତା କିପରି ବ୍ୟବହାର କରିବେ ତାହା ଜଣାପଡ଼ିବ । ତେବେ ଏହି ଯୋଜନାର ଆର୍ଥିକ ଭାର ରାଜ୍ୟ ସରକାର ବହନ କରିବେ ତେଣୁ ପ୍ରଥମେ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ପାଇଁ ଆବେଦନ କରାଯାଇଥିଲା । ପୂର୍ବରୁ ମହିଳାମାନଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ନିକଟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମାଷ୍ଟରଷ୍ଟ୍ରୋକ୍ ଖେଳି ବିହାରରେ ସରକାରୀ ପଦବୀରେ ସିଧାସଳଖ ନିଯୁକ୍ତିରେ ମୂଳନିବାସୀ ମହିଳାଙ୍କୁ ୩୫ ପ୍ରତିଶତ ସଂରକ୍ଷଣ ଦେବା ଓ ପେନସନ ବୃଦ୍ଧି ନିଷ୍ପତ୍ତି ନେଇଥିଲେ । ସୂଚନାଯୋଗ୍ୟ, ଜୁଲାଇ ୧୧ରେ ସାମାଜିକ ସୁରକ୍ଷା ପେନସନ ଯୋଜନାର କିସ୍ତି ଲାଭାର୍ଥୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି । ଏହାଦ୍ୱାରା ୧୨୨୭ କୋଟି ଟଙ୍କା ୧.୧୧ କୋଟି ଲାଭାର୍ଥୀଙ୍କ ଆକାଉଣ୍ଟକୁ ଡିବିଟି ଜରିଆରେ ପଠାଯାଛି । ପେସନ ରାଶି ୪୦୦ ଟଙ୍କାରୁ ବଢି ୧୧୦୦ ଟଙ୍କା ହୋଇଛି ।

# ଖେଳାଳିମାନେ ପରିବାରଠୁ ଦୂରରେ ରହିବା ଠିକ

**ଲର୍ଡ୍ସ, ୧୨।୭(ଏଜେନ୍ସି):** ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଗୌତମ ଗମ୍ଭୀର ଦୀର୍ଘ ବିଦେଶ ଗସ୍ତ ସମୟରେ କ୍ରିକେଟରଙ୍କ ପରିବାରର ଉପସ୍ଥିତିକୁ ସୀମିତ କରିବା ପାଇଁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ସଂଶୋଧିତ ଯାତ୍ରା ନୀତିକୁ ସମର୍ଥନ କରିଛନ୍ତି । ଯାହା ୨୦୨୪-୨୫ରେ ଅଷ୍ଟ୍ରେଲିଆରେ ୧-୩ ବର୍ଡର-ଗାଭାସ୍କର ଟ୍ରଫି ପରାଜୟ ପରେ ଲାଗୁ ହୋଇଥିଲା । ଜାନୁଆରୀରେ ବିସିସିଆଇ ଦ୍ୱାରା ସଂଶୋଧିତ ନିୟମ ଅନୁଯାୟୀ, ୪୫ ଦିନ କିମ୍ବା ତା'ଠାରୁ ଅଧିକ ସମୟର ଟୁର୍ଣ୍ଣାମେଣ୍ଟରେ, ପରିବାରକୁ ଖେଳାଳିମାନଙ୍କ ସହିତ ୨ ସପ୍ତାହ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦିଆଯାଇଥାଏ, ଯେତେବେଳେ ଛୋଟ ଟୁର୍ରେ, ସର୍ବାଧିକ ୭ ଦିନ ପାଇଁ ଅନୁମତି ଦିଆଯାଇଛି ।

ଇଂଲଣ୍ଡ ବିପକ୍ଷରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଲର୍ଡସ ଟେଷ୍ଟ ପୂର୍ବରୁ ଚେତେଶ୍ୱର ପୂଜାରାଙ୍କ ସହ ଏକ ଆଲୋଚନାରେ, ଗମ୍ଭୀର ବିସିସିଆଇର ଗସ୍ତରେ ଖେଳାଳିଙ୍କ ପରିବାରକୁ ସୀମିତ ସମୟ ରହିବାର ନିଷ୍ପତ୍ତିକୁ ସମର୍ଥନ କରିଥିଲେ । ଗମ୍ଭୀର କହିଥିଲେ, 'ପରିବାର ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଗୋଟିଏ କଥା ବୁଝିବାକୁ ପଡିବ - ତୁମେ ଏଠାରେ ଏକ ଟାର୍ଗେଟରେ ଅଛି । ଏହା କୌଣସି ଛୁଟିଦିନ ନୁହେଁ । ତୁମର ଲକ୍ଷ୍ୟ ଏଠାରେ କିଛି ଅଲଗା ଅଛି । ଡ୍ରେସିଂ ରୁମରେ କିମ୍ବା ଏହି ଗସ୍ତରେ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନଙ୍କୁ ଦେଶକୁ ଗର୍ବିତ କରିବାର ସୁଯୋଗ ମିଳିଛି । ହେଲେ ମୁଁ ପରିବାର ସହ ରହିବାର ବିରୋଧରେ ନୁହେଁ ।



ଟିମ୍ ଇଣ୍ଡିଆର ପ୍ରଶିକ୍ଷକ ଗମ୍ଭୀର ବିଶ୍ୱାସ କରନ୍ତି, 'ପରିବାର ରହିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣଙ୍କର ଧ୍ୟାନ ଦେଶକୁ ଗର୍ବିତ କରିବା ପାଇଁ ଥାଏ ଏବଂ ଆପଣଙ୍କର ଭୂମିକା ଅନ୍ୟ ଯେକୌଣସି ଜିନିଷ ଅପେକ୍ଷା ବଡ଼ ହୋଇଥାଏ ଏବଂ ଆପଣ ସେହି ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ । ମୁଁ ଭାବୁଛି ଅନ୍ୟ ସବୁକିଛି ଠିକ୍ ଅଛି । କିନ୍ତୁ ମୋ ପାଇଁ ସେହି ଉଦ୍ଦେଶ୍ୟ ଏବଂ ସେହି ଲକ୍ଷ୍ୟ ଅନ୍ୟ ଯେକୌଣସି ଜିନିଷ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ।' ଯେତେବେଳେ ପୂଜାରା ଗମ୍ଭୀରଙ୍କୁ ପଚାରିଲେ ଯେ ସେ ମ୍ୟାଚ୍ ମଧ୍ୟରେ କିପରି ବିଶ୍ରାମ ନିଅନ୍ତି କିମ୍ବା ନିଜକୁ ଆରାମ କରନ୍ତି, ଗମ୍ଭୀର କହିଥିଲେ, 'ଏହା ଏକ କଷ୍ଟକର ପ୍ରଶ୍ନ । ମୁଁ ଏପର୍ଯ୍ୟନ୍ତ ବୁଝିପାରୁନାହିଁ ଯେ ମୁଁ କିପରି ବିଶ୍ରାମ କରେ କାରଣ ମୁଁ କେବେ ବିଶ୍ରାମ କରେ ନାହିଁ ଏବଂ କେତେକ ସମୟରେ ଏହା ବହୁତ ମଜାଦାର ଏବଂ ଅଜବ ଲାଗେ । ସତ କହିବାକୁ ଗଲେ, ଯେତେବେଳେ ଆମେ ଶେଷ ଟେଷ୍ଟ ମ୍ୟାଚ୍ ଜିତିଥିଲୁ, ମୋ ମନରେ ପ୍ରଥମେ କଥା ଆସିଥିଲା ଯେ ପରବର୍ତ୍ତୀ ଟେଷ୍ଟ ପାଇଁ ଦଳର ରଣନୀତି କ'ଣ ହେବ ?'

ଗମ୍ଭୀର କହିଥିଲେ, 'ଯେତେବେଳେ ମୁଁ ମୋ ରୁମକୁ ଫେରିଗଲି, ସେତେବେଳେ ମୁଁ ଭାବିଥିଲି । ଆମେ ଏବେ ଏକ ଟେଷ୍ଟ ମ୍ୟାଚ୍ ଜିତିଛୁ । ପ୍ରଥମ ମ୍ୟାଚ୍ ପରେ ଆମ ଖେଳାଳିମାନେ ଲୟକୁ ଫେରିବା ପାଇଁ କଠିନ ପରିଶ୍ରମ କରିଛନ୍ତି, କିନ୍ତୁ ମୁଁ ପୂର୍ବରୁ ଚିନ୍ତା କରୁଥିଲି ଯେ ପରବର୍ତ୍ତୀ କମ୍ବିନେସନ୍ କ'ଣ ହେବ, ଏବଂ ଆମେ ପରବର୍ତ୍ତୀ ମ୍ୟାଚ୍ କିପରି ଜିତିପାରିବୁ ? ମୁଁ ଆଜି ପର୍ଯ୍ୟନ୍ତ ବୁଝିପାରିନାହିଁ ଯେ ନିଜକୁ କିପରି 'ସ୍ୱିଚ୍ ଅଫ୍' କରିବି ।'

# ବିବ ରିଚ୍ଚର୍ଡସଙ୍କ ରେକର୍ଡ ଭାଙ୍ଗିଲେ ଋଷଭ ପନ୍ତ

**ଲର୍ଡ୍ସ, ୧୨।୭(ଏଜେନ୍ସି):** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ତୃତୀୟ ମ୍ୟାଚ୍ ଏବେ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଛି ଏହି ମ୍ୟାଚରେ ଭାରତୀୟ ବ୍ୟାଟସମ୍ୟାନଙ୍କ ଆକ୍ରମଣାତ୍ମକ ରୂପ ଦେଖିବାକୁ ମିଳିଛି । ବିଶେଷକରି ଋଷଭ ପନ୍ତ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ସେ ଟେଷ୍ଟ କ୍ରିକେଟରେ ମଧ ଛକା ମାରିବାରେ ମାହିର । ପନ୍ତ ଏପର୍ଯ୍ୟନ୍ତ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିବାର ରେକର୍ଡ କରିଛନ୍ତି ।



ଏପର୍ଯ୍ୟନ୍ତ ଟେଷ୍ଟରେ ପନ୍ତ ଇଂଲଣ୍ଡ ବିପକ୍ଷରେ ୩୫ଟି ଛକା ମାରିଛନ୍ତି ଏହି ଛକ ସହିତ ସେ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ କ୍ରିକେଟର ସାର୍ ଭିଭିଆନ୍ ରିଚ୍ଚର୍ଡସଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏ ଇଂଲଣ୍ଡ ବିପକ୍ଷରେ ୩୪ଟି ଛକା ମାରିଥିଲେ । ପନ୍ତଙ୍କ ଏହି ସଫଳତାକୁ ତାଙ୍କର ଆକ୍ରମଣାତ୍ମକ ଏବଂ ନିର୍ଭୀକ ବ୍ୟାଟିଂ ଶୈଳୀର ଫଳାଫଳ କୁହାଯାଇପାରେ ।

ଏହି ତାଲିକାରେ ଭାରତର ଆଉ ଦୁଇଜଣ ଯୁବ ବ୍ୟାଟସମ୍ୟାନ୍ ସାମିଲ ହୋଇଛନ୍ତି ସେମାନେ ହେଲେ ଯଶସ୍ୱୀ ଜୟସୱାଲ୍ ଏବଂ ଶୁଭମନ ଗିଲ୍ । ଏବେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଉଭୟେ ଟେଷ୍ଟ କ୍ରିକେଟରେ ନିଜର ଦକ୍ଷତା ପ୍ରମାଣ କରିଛନ୍ତି ଜୟସ୍ୱାଲ୍ ମାତ୍ର କିଛି ମ୍ୟାଚରେ ୨୭ଟି ଛକା ମାରି ଜଣାଇଦେଇଛନ୍ତି ଯେ, ଆଗାମୀ ସମୟରେ ସେ ଅନେକ ରେକର୍ଡ ଭାଙ୍ଗିବେ କ୍ରିକେଟର ଶୁଭମନ ଗିଲ୍ ମଧ ୨୬ଟି ଛକା ମାରି ଚର୍ଚ୍ଚାରେ ଅଛନ୍ତି ।

### ଟେନିସ୍ ଖେଳାଳିଙ୍କ ହତ୍ୟା ମାମଲା

# ଏକାଡେମୀକୁ ବିରୋଧ କରୁଥିଲେ ପିତା

**ନୂଆଦିଲ୍ଲୀ, ୧୨।୭(ଏଜେନ୍ସି):** ଗତଗୁରୁବାର ଗୁରୁଗ୍ରାମର ସେକ୍ଟର-୫୭ରେ ପରିବାରଲୋକଙ୍କ ସହିତ ବସବାସ କରୁଥିବା ଜଣେ ପୂର୍ବତନ





ରାଜ୍ୟସ୍ତରୀୟ ମହିଳା ଟେନିସ୍ ଖେଳାଳିଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଥିବାର ଅଭାବନୀୟ ଘଟଣା ସାମ୍ନାକୁ ଅଛି । ଟେନିସ୍ ଖେଳାଳିଙ୍କ ହତ୍ୟା ଘଟଣା ସମଗ୍ର ଖେଳ ଜଗତରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଘଟଣାକୁ ନେଇ ଭାରତର ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ନିଜର ବୟାନ ଦେଇଛନ୍ତି । ନୀରଜ କହିଛନ୍ତି- 'ମୁଁ ପୂର୍ବରୁ କିଛି ଲୋକଙ୍କ ସହିତ ଏ ବିଷୟରେ କଥା ହୋଇସାରିଛି । ଆମ ପାଖରେ ହରିୟାଣାର ମହିଳା ଖେଳାଳିଙ୍କ କିଛି ମହାନ ଉଦାହରଣ ଅଛି । ଯିଏକି ଦେଶ ପାଇଁ ଗୌରବ ଆଣିଛନ୍ତି । ପରିବାରରେ, ଆପଣମାନଙ୍କୁ ପରସ୍ପରକୁ ସମର୍ଥନ କରିବା ଉଚିତ ଏବଂ ଯେଉଁମାନେ (ମହିଳା ଖେଳାଳି) ଭଲ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ଆଦର୍ଶ ଭାବରେ ବିବେଚନା କରି ଅନୁସରଣ କରିବା ଉଚିତ ।' ମହିଳା ଟେନିସ୍ ଖେଳାଳି ରାଧିକାଙ୍କ ହତ୍ୟା ମାମଲାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ରାଧିକାଙ୍କ ବାପା ଝିଅ ଏକାଡେମି ଖୋଲିବା ଘଟଣାକୁ ନେଇ ଅସନ୍ତୋଷ ଥିଲେ । ସେ ବାରମ୍ବାର ଏକାଡେମି ବନ୍ଦ କରିବାକୁ ଝିଅକୁ କହୁଥିଲେ । ଗତ ୧୫ ଦିନ ଧରି ଟେନିସ୍ ଏକାଡେମିକୁ ନେଇ ବାପା ଏବଂ ଝିଅଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା । ଗୁରୁବାର ସକାଳେ ବାପା ଦୀପକ ଝିଅ ରାଧିକା ରୋଷେଇ ଘରେ ଥିବା ବେଳେ ତାଙ୍କ ଲାଇସେନ୍ସପ୍ରାପ୍ତ ରିଭଲଭରରୁ ତିନୋଟି ଗୁଳି କରି ହତ୍ୟାର କରିଥିଲେ । ରାଧିକାଙ୍କୁ ହତ୍ୟା କରିବାର କିଛି ଘଣ୍ଟା ମଧ୍ୟରେ ପୁଲିସ ଝିଅ ହତ୍ୟାକାରୀ ବାପାଙ୍କୁ ଗିରଫ କରିଛି ।

# କେଏଲ ରାହୁଲଙ୍କ ଶତକ, ଭାରତ ୨୫୪/୫

**ଲର୍ଡ୍ସ, ୧୨।୭(ଏଜେନ୍ସି):** ଐତିହାସିକ ଲର୍ଡ୍ସ ଷ୍ଟାଡିୟମଠାରେ ଚାଲିଥିବା ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ସିରିଜର ୩ୟ ଟେଷ୍ଟର ଆଜି ହେଉଛି ୩ୟ ଦିନ । ୩ୟ ଦିନର ଉଲ୍ଲେଖନୀୟ ଖବର ହେଲା କେଏଲ ରାହୁଲଙ୍କ ଶତକ ଓ ଋଷଭ ପନ୍ତଙ୍କ ଅର୍ଦ୍ଧଶତକ । ଉଭୟ ବ୍ୟାଟ୍ସମ୍ୟାନ ଏକ ଭଲ ପାର୍ଟନରସିପ କରି ଭାରତକୁ ବିପଦରୁ ଉଦ୍ଧାର କରିବା ସହ ସ୍କୋରକୁ ଆଗେଇ ନେଇଥିଲେ । ତେବେ ରାହୁଲ ୧୦୦ ରନ କରିବା ପରେ ସୋଏବ ବସିରଙ୍କ ବଲରେ ଆଉଟ ହୋଇଥିଲେ । ସେହିପରି ପନ୍ତ ୭୪ ରନ କରି ରନ ଆଉଟ ହୋଇଥିଲେ । ସର୍ବଶେଷ ସୂଚନା ଅନୁସାରେ ଭାରତ ୫ ୱିକେଟ ହରାଇ ୨୫୪ ରନ କରିଛି । ଏବେ କ୍ରିଜରେ ରବୀନ୍ଦ୍ର ଜାଦେଜା ଓ ନୀତୀଶ କୁମାର ରେଡ୍ଡୀ ବ୍ୟାଟିଂ କରୁଛନ୍ତି । ଇଂଲଣ୍ଡ ପକ୍ଷରୁ କ୍ରିସ ୱକ୍ସ, ଜୋଫ୍ରା ଆର୍ଚ୍ଚର, ବେନ ଷ୍ଟୋକ୍ସ ଓ ସୋଏବ ବସିର ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି ।



ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଏକ ଭଲ ଆରମ୍ଭ କରିଥିଲେ ବି ଏକ ବଡ଼ ପାର୍ଟନରସିପ କରିପାରିନଥିଲେ । ଡକେଟ୍ ୨୩ ଓ କ୍ରାଉଲି ୧୮ ରନ କରିଥିଲେ । ତେବେ ଓଲି ପୋପ୍ ଓ ଜୋ ରୁଟଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ପୋପ୍ ୪୪ ରନ କରିଥିବାବେଳେ ରୁଟ୍ ଏକ ଲଢୁଆ । ଶତକ ଅର୍ଜନ କରିଥିଲେ ।

ସେହିପରି ବେନ ଷ୍ଟୋକ୍ସ ୪୪ ରନ କରିଥିବାବେଳେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୩୮୭ ରନ କରିଥିଲା । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି ୱିକେଟ ନେଇଥିବାବେଳେ ନୀତୀଶ ରେଡ୍ଡି ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ରବୀନ୍ଦ୍ର ଜାଦେଜା ଗୋଟିଏ ୱିକେଟ ନେଇଥିଲେ ।

# ପ୍ରଥମଥର ଟି-୨୦ ବିଶ୍ୱକପକୁ କ୍ୱାଲିଫାଏ କଲା ଇଟାଲୀ

**ମୁମ୍ବାଇ, ୧୨।୭(ଏଜେନ୍ସି):** ଆସନ୍ତା ବର୍ଷ ଫେବୃଆରି-ମାର୍ଚ୍ଚରେ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ଖେଳାଯିବ, ଯାହାକୁ ଆୟୋଜନ କରିବେ ଭାରତ ଏବଂ ଶ୍ରୀଲଙ୍କା । ଇଟାଲୀ ଦଳ ମଧ ଏହି ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଇଟାଲୀ ଟି-୨୦ ବିଶ୍ୱକପ୍ ୟୁରୋପ କ୍ୱାଲିଫାୟର ୨୦୨୫ ମାଧ୍ୟମରେ ଏହି ମେଗା ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛି । ଏହି କ୍ୱାଲିଫାୟର୍ ଟୁର୍ଣ୍ଣାମେଣ୍ଟ ନେଦରଲ୍ୟାଣ୍ଡର ହେଗରେ ଖେଳାଯାଇଥିଲା । ଇଟାଲୀୟ ଦଳ ପ୍ରଥମ ଥର ପାଇଁ ଏକ କ୍ରିକେଟ୍ ବିଶ୍ୱକପରେ ଅଂଶଗ୍ରହଣ କରିବ । ଇଟାଲୀ ସହିତ, ନେଦରଲ୍ୟାଣ୍ଡ ମଧ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି ।




୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ନେଦରଲ୍ୟାଣ୍ଡସ୍ ଏବଂ ଇଟାଲୀ ଯଥାକ୍ରମେ ୧୪ତମ ଏବଂ ୧୫ତମ ଦଳ । ଆୟୋଜକ ଦେଶ ଭାରତ ଏବଂ ଶ୍ରୀଲଙ୍କା ବ୍ୟତୀତ, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ଇଂଲଣ୍ଡ, ଆମେରିକା, ୱେଷ୍ଟଇଣ୍ଡିଜ୍, ଆୟର୍ଲ୍ୟାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ ଏବଂ କାନାଡା ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟ ଖେଳିବ । ବାକି ୫ଟି ଦଳର ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । ୨ଟି ଦଳ ଆଫ୍ରିକା କ୍ୱାଲିଫାୟର୍ (୧୯ ସେପ୍ଟେମ୍ବର-୪ ଅକ୍ଟୋବର) ମାଧ୍ୟମରେ ଏବଂ ୩ଟି ଦଳ ଏସିଆ-ଇଏପି କ୍ୱାଲିଫାୟର୍ (୧-୧୭ ଅକ୍ଟୋବର) ମାଧ୍ୟମରେ ପୁରୁଷ କ୍ୱାଲିଫାୟର୍ ୨୦୨୬ରେ ପହଞ୍ଚିବେ । ଇଟାଲୀ ଟି-୨୦ ବିଶ୍ୱକପ୍ ୟୁରୋପ କ୍ୱାଲିଫାୟର ୨୦୨୫ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମେଗା ଇଭେଣ୍ଟରେ ସ୍ଥାନ ପାଇଥିଲା । ଅନ୍ୟପକ୍ଷରେ, ନେଦରଲ୍ୟାଣ୍ଡ ୬ ପଏଣ୍ଟ ସହିତ ଏହି କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲା ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂତନ ଯୁଗ୍ମ ଉଦ୍ୟୋଗ ଅଂଶୀଦାର ଘୋଷଣା

**ଭୁବନେଶ୍ୱର, ୧୨।୭ :** ଜେନେରାଲି, ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଆଇ)କୁ ଦେଶର ନୂଆ ଯୁଗ୍ମ ଉଦ୍ୟୋଗ ସହଯୋଗୀ ଭାବେ ଘୋଷଣା କରାଯାଇଛି । ସିବିଆଇ ହେଉଛି ସର୍ବପୁରାତନ ରାଷ୍ଟ୍ରାୟତ ଭାରତୀୟ ବ୍ୟାଙ୍କ, ଯାହା ୧୯୧୧ ମସିହାରେ ସ୍ଥାପିତ ହୋଇଥିଲା, ଯାହାର ବଜାର ପୁଞ୍ଜି ୪୬୧ ବିଲିୟନ ଟଙ୍କା ଏବଂ ୪,୫୦୦ରୁ ଅଧିକ ଶାଖାର ବିତରଣ ନେଟୱାର୍କ ୮୦ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି । ସିବିଆଇ ସହ ଭାଗିଦାରୀ ଜେନେରାଲିଙ୍କ ବଜାର ଉପସ୍ଥିତିକୁ ବଢ଼ାଇବ, ଉଭୟ ଲାଇଫ ଏବଂ ପିଆଣ୍ଡସିରେ ଏହାର ବ୍ରାଣ୍ଡ ସ୍ଥିତି ଏବଂ ବିତରଣ କ୍ଷମତାକୁ ସୁଦୃଢ଼ କରିବ । ଜେନେରାଲି ଗ୍ରୁପର ଡେପୁଟି ସିଇଓ ଇନସ୍ୟୁରାନ୍ସ ଜାଇମେ ଆଂଚୁଷ୍ଟେଗୁଇ କହିଛନ୍ତି, "ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ମିଶି ଭାରତରେ ଆମର ବ୍ୟବସାୟ ପାଇଁ ଏହି ନୂତନ ଅଧ୍ୟାୟ ଘୋଷଣା କରି ଆମେ ଆନନ୍ଦିତ । ଆମର 'ଲାଇଫ୍ ଟାଇମ୍ ପାର୍ଟନର ୨୭: ଡ୍ରାଇଭିଂ ଏକ୍ସେଲେନ୍ସ' ରଣନୀତି ଅନୁଯାୟୀ ଏହି ଭାଗିଦାରୀ ଭାରତର ଉଚ୍ଚ ସମ୍ଭାବ୍ୟ ବଜାରରେ ଜେନେରାଲିଙ୍କ ପାଦଚିହ୍ନକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ ବୋଲି ଆମେ ବିଶ୍ୱାସ କରୁଛୁ ।"

# ଶ୍ରଦ୍ଧାଞ୍ଜଳିଙ୍କୁ ମିଳିଲା ଏଏଫ୍ସି 'ଏ' ଲାଇସେନ୍ସ

**ଭୁବନେଶ୍ୱର, ୧୨।୭ :** ଭାରତୀୟ ମହିଳା ଫୁଟ୍ବଲ୍ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ନିଜ ପ୍ରଶିକ୍ଷଣ ଜୀବନର ବଡ଼ ଉପଲବ୍ଧି ପାଇଛନ୍ତି । ପ୍ରଥମ ଓଡ଼ିଆ । ମହିଳା ଭାବେ ଏଏଫ୍ସି 'ଏ' ଲାଇସେନ୍ସ ପାଇଛନ୍ତି । ସର୍ବଭାରତୀୟ ଫୁଟ୍ବଲ୍ ମହାସଂଘ ଏବଂ 'ଫାଓ' ଏହି ଖବର ଜଣାଇବା ପରେ ରାଜ୍ୟ ଫୁଟ୍ବଲ୍ ଦୁନିଆରେ ଖୁସିର ଲହରି ଖେଳିଯାଇଛି । ଏଥିସହ ଶ୍ରଦ୍ଧାଞ୍ଜଳି ଜାତୀୟ ବରିଷ୍ଠ ଦଳର ପ୍ରଶିକ୍ଷକ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଜଣେ ଅଗ୍ରଣୀ ଫରୱାର୍ଡ ଖେଳାଳି ଭାବେ ଶ୍ରଦ୍ଧାଞ୍ଜଳି ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି ଏଆଇଏଫ୍ଏଫ୍ର ଚାକିରୀ, ପ୍ରଶିକ୍ଷକ ଭାବେ ବିଭିନ୍ନ ଭୂମିକାରେ ରହି ଅର୍ଜନ କରିଥିବା ଅଭିଜ୍ଞତା ତାଙ୍କୁ ଏବେ ଉଚ୍ଚ ସ୍ତରକୁ ନେଇଛି । ପୂର୍ବରୁ କେବଳ ଦୁଇ ଜଣ ଓଡ଼ିଆ । ଏଏଫ୍ସି 'ଏ' ଲାଇସେନ୍ସ ପାଇବାର ଗୌରବ ରଖିଥିଲେ ମଧ ଉଭୟ ପୁରୁଷ ବର୍ଗର ଥିଲେ । ସେମାନେ ହେଲେ ଶୁଭେନ୍ଦୁ କୁମାର ପଣ୍ଡା ଓ ଅକ୍ଷୟ ଦାସ । ଶୁଭେନ୍ଦୁ କିନ୍ତୁ ଆଉ ଗୋଟିଏ ପାଦ ଆଗକୁ ବି ଏବେ ପ୍ରୋ ଲାଇସେନ୍ସ ହାସଲ କରିସାରିଛନ୍ତି । ସୂଚନାଯୋଗ୍ୟ, ୨୦୦୫



ମସିହାରେ ଶ୍ରଦ୍ଧାଞ୍ଜଳି ଭାରତୀୟ ମହିଳା ଫୁଟ୍ବଲ୍ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା କ୍ରୀଡ଼ାରେ ନୂଆ । ଫର୍ଦ ଯୋଡ଼ିଥିଲେ । ଅବସର ପରେ ବି ଏହି ନାକ୍ଷୋ ଅଧିକାରୀ ଫୁଟ୍ବଲ୍ ସହ ଜଡ଼ିତ ରହି ପ୍ରଶିକ୍ଷଣ

## ସାମସଙ୍ଗ ଇଣ୍ଡିଆ ଗାଲାକ୍ସି ଜେଡ଼ ଫୋଲ୍ଡ୭, ଜେଡ଼ ଫ୍ଲିପ୭ ପ୍ରି-ଅର୍ଡ଼ର ଆରମ୍ଭ

**ନୂଆଦିଲ୍ଲୀ, ୧୨।୭(ଏଜେନ୍ସି):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ରହିଥିବା ସବୁଠାରୁ ଉନ୍ନତ ମାନର ଶୃଙ୍ଖଳ ଗାଲାକ୍ସି ଜେଡ଼-ଗାଲାକ୍ସି ଜେଡ଼ ଫ୍ଲିପ୭ର ପ୍ରି-ଅର୍ଡ଼ର ଗ୍ରହଣ ଆରମ୍ଭ ଘୋଷଣା କରିଛି । ଗାଲାକ୍ସି ଜେଡ଼ ଫୋଲ୍ଡ୭ ସମ୍ମିଳିତ ଭାବରେ ଏହାର ଉତ୍କୃଷ୍ଟତା ଗାଲାକ୍ସି ଡ଼ିଜାଇନ, କ୍ୟାମେରା ପରିଚାଳନା ତଥା ଏଆଇର ନବୀନତମର ଦିଗରେ ଆଣିଛି ଯାହାକି ଅଦ୍ୟାବଧି ଗାଲାକ୍ସି ଜେଡ୍. ଫୋଲ୍ଡ ଶୃଙ୍ଖଳ ମଧ୍ୟରେ ସବୁଠାରୁ ପତଳା ଏବଂ ହାଲୁକା ରହିଛି । ଯେତେବେଳେ ଏହାର ନୂତନ ଦକ୍ଷତା ଏବଂ ଉତ୍ପାଦକତାର ସ୍ତର ବଡ଼ ଭାବରେ ଖୋଲାଯାଇଥାଏ ଅଧିକ ମାତ୍ରାରେ ନିମଜ୍ଜିତକାରୀତାର ଦୃଶ୍ୟମାନତା ଏଥିରେ ଆସିଥାଏ ଏବଂ ସେତେବେଳେ ଏହା ଅଲଟ୍ରା-ସ୍ମାର୍ଟଫୋନର ଅଭିଜ୍ଞତାକୁ ନେଇ ଏକ ଏକ ପ୍ରିମିୟମ କାର୍ଯ୍ୟ ଦକ୍ଷତା ପ୍ରଦାନ କରିଥାଏ । ଗାଲାକ୍ସି ଜେଡ଼ ଫୋଲ୍ଡ୭ ସେହି ମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଛି ଯେଉଁମାନେ ଦୈନନ୍ଦିନ ଜୀବନରେ ଏକ ପାରମ୍ପରିକ ସ୍ମାର୍ଟଫୋନର ଭାର ବହନ ଏବଂ ଅନ୍ତର୍ଭୁକ୍ତି କରଣର ଅନୁଭବ କରିବା ସହିତ, ବୃଦ୍ଧିପ୍ରାପ୍ତ କ୍ଷମତା ଏବଂ ଏକ ବଡ଼ ନମନୀୟତା, ଖୋଲା ରହିଥିବା ଡ଼ିସପ୍ଲେର ଉପସ୍ଥିତିକୁ ନେଇ ଗୋଟିଏ ଉପକରଣରେ ଦୃଶ୍ୟମାନ ହୋଇଥାଏ ।

# ନୂଆ ଅଧିନାୟକ ଘୋଷଣା କଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ, ୧୨।୭(ଏଜେନ୍ସି):** ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ କିଙ୍ଗଷ୍ଟନରେ ଖେଳାଯିବ । ଅଷ୍ଟ୍ରେଲିଆ ଦଳ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ୍ ଜିତି ସିରିଜ କବଜା କରିସାରିଛି । ଏବେ ସେମାନେ ଆୟୋଜକ ଦଳକୁ କ୍ଲିନ ସୁଇପ୍ କରିବା ଉଦ୍ଦେଶ୍ୟରେ ତୃତୀୟ ଟେଷ୍ଟ ଖେଳିବେ । ଏହା ପରେ ଭ୍ରମଣକାରୀ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ । ଏହା ଜୁଲାଇ ୨୧ ରୁ ଆରମ୍ଭ ହେବ । ଏହି ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି । ଏଥିରେ ଦୁଇଟି ବଡ଼ ପରିବର୍ତ୍ତନ କରାଯାଇଛି । ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ



ଦିଆଯାଇଛି । ତାଙ୍କ ସ୍ଥାନରେ ନୂତନ ଅଧିନାୟକ ଘୋଷଣା କରାଯାଇଛି । ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ (ଓଚଖ) ୨୦୨୫ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଚାମ୍ପିଅନ କରିଥିବା ବୋଲରମାନଙ୍କୁ ମଧ ଦଳରେ ସାମିଲ କରାଯାଇ ନାହିଁ । ଜୁଲାଇ ୨୧ରୁ ଆରମ୍ଭ ହେଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପା ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି । ପ୍ୟାଟ କମିନ୍ସଙ୍କ ସ୍ଥାନରେ ମିଚେଲ ମାର୍ଶଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ କରାଯାଇଛି । ଏହି ସିରିଜ ପାଇଁ କମିନ୍ସ ଏବଂ ଦ୍ରୁତ ବୋଲର ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଛି । ହାଜେଲଉଡ ୨୦୨୫ ରେ ଆରସିବି ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଦଳକୁ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ହାଜେଲଉଡ ଆରସିବି ୨୦୨୫ରେ ୧୨ ମ୍ୟାଚ ଖେଳିଥିଲେ । ଏହି ସମୟ ମଧ୍ୟରେ ସେ ୨୨ ଉଇକେଟ ନେଇଥିଲେ । ଏହା ବ୍ୟତୀତ ସେ ୫୨ ଟି୨୦ ମ୍ୟାଚ ଖେଳିଛନ୍ତି । ଯେଉଁଥିରେ ସେ ୬୭ ଉଇକେଟ ନେଇଛନ୍ତି । ହାଜେଲଉଡ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟ ଖେଳିବାରେ ବ୍ୟସ୍ତ ଅଛନ୍ତି ।

## ସାମସଙ୍ଗ ଏମ୯ର ସ୍ମାର୍ଟ ମନିଟର ଷ୍ଟ୍ରିମିଙ୍ଗ ଏବଂ ଗେମିଙ୍ଗ ଅନାବରଣ

**ନୂଆଦିଲ୍ଲୀ, ୧୨।୭(ଏଜେନ୍ସି):** ସାମସଙ୍ଗ ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ସମ୍ପୂର୍ଣ୍ଣ ନୂତନ ସ୍ମାର୍ଟ ମନିଟର ପରିବାରର ଘୋଷଣା କରିଛି ଯାହାର ବିଶେଷତ୍ୱ ମଧ୍ୟରେ ରହିଛି ଆରାମଦାୟକ ଏମ୯ (ଏମ୯୦ଏସଏଫ), ଏଥି ସହିତ ଏମ୮ (ଏମ୮୦ଏସଏଫ) ଏବଂ ଏମ୭(ଏମ୭୦ଏଫ)ର ବର୍ଦ୍ଧିତ ସଂସ୍କରଣ । ଆଧୁନିକତମ ଏଆଇର ବିଶେଷତ୍ୱକୁ ଏଥିରେ ସଂଯୋଗ କରି ଏହା ବ୍ୟକ୍ତିଗତ ଏବଂ ଏକ ସଂଯୋଗୀକରଣ ସ୍କ୍ରିନର ସୁବିଧା ପ୍ରଦାନ କରୁଅଛି ଯାହା କାର୍ଯ୍ୟ ଏବଂ ମନୋରଞ୍ଜନ ପ୍ରଦାନକାରୀ ଅଟେ ।

"ସାମସଙ୍ଗର ଏହି ୪କେ କ୍ୟୁଡ଼ି-ଓଏଲଇଡ଼ିର ଦକ୍ଷତା ଏହାର ଦୃଶ୍ୟମାନ ଏଆଇ ସହିତ ଅନ୍ତର୍ନିହିତ ରହିଛି ଯାହା ଏମ୯ଯୁକ୍ତ ଉତୋଳନକାରୀକୁ ଏକ ମନିଟର ଠାରୁ ଅଧିକ ଡ଼ିସପ୍ଲେ ଭଳି ପ୍ରଦାନ କରିଥାଏ । ପ୍ରକୃତ ସମୟ ଛବି ସହିତ ଏହା ଅନୁକୂଳିତ ଶବ୍ଦ ପ୍ରଦାନ କରିଥାଏ ଯାହା ଗୋଟିଏ ଡ଼ିଜାଇନରେ ସମସ୍ତ ପତଳା ଗଠନ ରହିଥିବା ସହିତ ଏଥିରେ ରହିଛି ନିରବଚ୍ଛିନ୍ନ ଗ୍ରହଣକାରୀତା ଏବଂ ଆକର୍ଷଣୀୟ ଷ୍ଟ୍ରିମିଙ୍ଗ ଏବଂ କାର୍ଯ୍ୟ ସରଞ୍ଜାମ, ଯାହା ଦ୍ୱାରା ଏମ୯ ଅତି ତୀକ୍ଷଣ ଦୃଶ୍ୟମାନତାକୁ ପ୍ରଦାନ କରିବା ସହିତ ଏଥିରେ ଭରି ରହିଛି ସ୍ମାର୍ଟ ଏବଂ ପ୍ରକୃତ ନିମଜ୍ଜିତକାରୀ ଅଭିଜ୍ଞତା," ମତବ୍ୟକ୍ତ କରି କହିଛନ୍ତି ପୁନିତ୍ ସେଠୀ, ଉପସଭାପତି, ଏଂଟରପ୍ରାଇଜ ବିଜିନେସ, ସାମସଙ୍ଗ ଇଣ୍ଡିଆ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ